Sl No	Subject
1	ଧ୍ୱନି
2	ବର୍ଣ୍ଣ
3	ଶବ୍ଦ
4	ପଦ ପ୍ରକରଣ
5	ତଦ୍ଧିତ ଶବ୍ଦ
6	କୃଦନ୍ତ ଶବ୍ଦ
7	ବାକ୍ୟ ବିଚାର
8	ଉପସର୍ଗ
9	ସମାସ
10	କାରକ ଓ ବିଭକ୍ତି
11	କାଳ
12	ସନ୍ଧି
13	ବିପରୀତ ବୋଧକ ଶବ୍ଦ
14	ସମୋଚ୍ଚାରିତ ଶବ୍ଦ
15	ସାମନାର୍ଥୀ ଶବ୍ଦ
16	ରୂଢ଼ି
17	ଲୋକବାଣୀ
18	ଅଳଙ୍କାର
19	ଏକକପଦୀକରଣ

ଓଡ଼ିଶା ସରକାରୀ ଏକ୍ସାମ
odishaedu.com
ଆପଣଙ୍କ ସହିତ ସବୁବେଳେ

ନମସ୍କାର ବନ୍ଧୁଗଣ, ଡିଜିଟାଲ ଓଡିଶା ଏବଂ ଓଡିଶା ସରକାରୀ ଏକ୍ସାମ ରେ ଆପଣଙ୍କୁ ସମସ୍ତଙ୍କୁ ସ୍ୱାଗତ | ଓଡିଶା ପରୀକ୍ଷା ପାସ କରିବା ପାଇଁ ହେଲେ ଗୋଟେ ପଢିବା ଗାଇଡ଼ ନିତ୍ୟାନ୍ତ ଦରକାର | ଯେ କୌଣସି ବିଷୟ ହେଉ ଯଦି ଆପଣ ବହି ପଢୁନାହାନ୍ତି ତାହେଲେ ଆପଣ ସିଲେକସନ ନେଇ ପାରିବେ ନାହିଁ |

ସେଥିପାଇଁ ଆମ୍ଭେ ଏକ ଛୋଟ ପ୍ରୟାସ କରିଛୁ ଏକ ଛୋଟ ଗାଇଡ଼ ତିଆରି କରିଛୁ | ଯେଉଁଟା ଓଡ଼ିଆ ଗ୍ରାମର ଟୋପିକ ଉପରେ ଆଧାରିତ | ଏହି ଓଡ଼ିଆ ଗ୍ରାମାର ଗାଇଡ଼ ଆପଣ ଙ୍କୁ ବହୁତ ସାହାଯ୍ୟ କରିବ ଏକଯାମ ସମୟରେ | ଓଡିଶା ର ଯେକୌଣସି ପ୍ରତିଯୋଗୀ ପରୀକ୍ଷା ଦିଅନ୍ତୁ କିମ୍ବା ଅନ୍ୟ ଯେକୌଣସି ଓଡିଶା ଏକଜାମ ଦିଅନ୍ତୁ ଓଡ଼ିଆ ଗ୍ରାମାର ଟୋପିକ ରୁ ପ୍ରଶ୍ନ ଆସିଥାଏ | ଓଡିଶା ପରୀକ୍ଷା ଯଥା - **CT, BED, OTET, CTET, OAS, ASO, OSSSC** ପ୍ରତ୍ୟକ ପରୀକ୍ଷା ପାଇଁ ଉପଯୋଗୀ ଏହି ବହି ରହିବ |

ଏହି ଗାଇଡ଼ ରେ ଟୋଟାଲ **20** ଟୋପିକ ଡିସ୍କସ କରାଯାଇଛି ଯେଉଁଥିରୁ ପରୀକ୍ଷାରେ ପ୍ରଶ୍ନ ଆସୁଛି | ଆପଣଙ୍କୁ ଥିଓରୀ ନୋଟ୍ସ ସହିତ ମହତ୍ୱପୂର୍ଣ୍ଣ ଅଭ୍ୟାସ ପାଇଁ ମହତ୍ୱପୂର୍ଣ୍ଣ **MCQ** ପ୍ରଶ୍ନ ମଧ୍ୟ ମିଳିବ | ଯେଉଁଟାକି ଆପଣଙ୍କୁ ପରୀକ୍ଷା ରେ ବହୁତ ସାହାଯ୍ୟ କରିବ |

ଯଦି ଟାଇପିଙ୍ଗ ସମୟରେ କିଛି ଭୁଲ ରହିଥାଏ ଟିକେ ଏଡ଼ଜଷ୍ଟ କରିନେବେ

ଧନ୍ୟବାଦ

ଡିଜିଟାଲ ଓଡିଶା ଓ ସରକାରୀ ଓଡିଶା ଏକ୍ସାମ

digitalodishaedu.com
ଆପଣଙ୍କ ସହିତ ସବୁବେଳେ

© Copyright Reserved Only Digital Odisha & Odisha Sarkari Exam

ଧ୍ୱନି -

1. ପ୍ରକୃତି ରାଜ୍ୟରେ ସବୁବେଳେ କିଛି ନା କିଛି ଧ୍ୱନି ସୃଷ୍ଟି ହେଉଥାଏ । ଝରଣା ଝରିଲେ (ଝରଝର), ପବନ ବହିଲେ (ସୁସ୍), ପତ୍ରରେ ପତ୍ର ଘଷି ହେଲେ (ମର୍ମର), ଡାଳରେ ଡାଳ ବାଜିଲେ ବା ଘଷି ହେଲେ (ମଡ଼ମଡ଼୍), ଘଡ଼ଘଡ଼ି ମାରିଲେ (ଘଡ଼୍ଘଡ଼୍) ଏପରି କେତେ କ' ଣ ଧ୍ୱନି ହୁଏ । ଗୋଟିଏ କଠିନ ପଦାର୍ଥରେ ଆଉ ଗୋଟିଏ କଠିନ ପଦାର୍ଥ ବାଜିଲେ ଧ୍ୱନି ସୃଷ୍ଟି ହୁଏ । ପ୍ରତ୍ୟେକ ଜୀବ ନିଜ ନିଜର ମନର ଭାବକୁ ପ୍ରକାଶ କରିବା ପାଇଁ ବିଭିନ୍ନ ପ୍ରକାର ଅଙ୍ଗଭଙ୍ଗୀ ପ୍ରଦର୍ଶନ କରିଥାନ୍ତି ଏବଂ ବିଭିନ୍ନ ଧ୍ୱନିର ପ୍ରୟୋଗ କରିଥାନ୍ତି । ଭାଷା ପ୍ରକାଶିତ ହେବାପାଇଁ ଦୁଇଟି ରୂପ ଗ୍ରହଣ କରିଥାଏ । ଗୋଟିଏ ହେଉଛି କଥିତ ରୂପ ଓ ଅନ୍ୟଟି ଲିଖୀତ ରୂପ । ଯେତେବେଳେ ଧ୍ୱନି ଲିଖିତରୂପ ଧାରଣ କରେ ତାକୁ କହନ୍ତି ବର୍ଣ୍ଣ। ବର୍ଣ୍ଣର ଅନ୍ୟ ନାମ ଲିପି । ବର୍ଣ୍ଣ ଲିପି ଏକ ନିର୍ଦ୍ଦିଷ୍ଟ ରୂପ ବା ଆକୃତି, ରଙ୍ଗ ଗ୍ରହଣ କରିଥାଏ । ବର୍ଣ୍ଣ ବା ଲିପିକୁ ଦେଖି ହୁଏ । ବର୍ଣ୍ଣ ବା ଲିପିର ଅଦୃଶ୍ୟ ରୂପକୁ ଧ୍ୱନି କୁହାଯାଏ ।

ଭାଷାର ସର୍ବନିମ୍ନ ଏକକକୁ ଧ୍ୱନି କହନ୍ତି । ଏହି ଧ୍ୱନି ପଦ୍ଧତି ବଦ୍ଧ ଭାବରେ ମଣିଷ ମୁହଁରୁ ପ୍ରକାଶିତ ହୋଇଥାଏ ।। ମଣିଷ ବୁଦ୍ଧି ମାନ୍ ପ୍ରାଣୀ ହୋଇଥିବାରୁ ଧ୍ୱନି କୁ ରୂପଦେବାପାଇଁ ବାହାର କଲା ବର୍ଣ୍ଣ ବା ଲିପି । ଲେଖି ବା ଉଦ୍ଦେଶ୍ୟରେ ଧ୍ୱନିକୁ ବର୍ଷ ବା ଲିପି ରୂପ ଦିଆଗଲା ।

1. ଧ୍ୱନି ଓ ବର୍ଣ୍ଣ ମଧ୍ୟରେ ପ୍ରଭେଦ କ'ଣ ?

ମୁହଁରୁ ଉଚ୍ଚାରିତ ହେଲେ ତାହା ଧ୍ୱନି । ଧ୍ୱନିର ଲିଖିତ ରୂପ ହେଉଛି ବର୍ଣ୍ଣ । ସୁତରାଂ ବର୍ଣ୍ଣ ଅର୍ଥ ରୂପ ବା ଚିହ୍ନ । ଅ, ଆ, କ, ଖ ପ୍ରଭୃତି କହିବାବେଳେ ଧ୍ୱନି ସୃଷ୍ଟି ହୁଏ । ଆମେ ସେହି ଧ୍ୱନିକୁ ଶୁଣି ଅ, ଆ, କ, ଖ ପ୍ରଭୃତି ରୂପରେ ଲେଖି ରଖୁ । ଯାହା ଲେଖି ରଖୁ ତାହା ବର୍ଣ୍ଣ ବା ଲିପି । ବର୍ଣ୍ଣ ବା ଲିପି. ଅନେକ ଦିନ ପର୍ଯ୍ୟନ୍ତ ସ୍ଥାୟୀ ଭାବରେ ରହିଥାଏ । ଆମେ ସେଗୁଡ଼ିକୁ କହୁ ଅକ୍ଷର 'ଅର୍ଥାତ୍' ନ କ୍ଷର = ଅକ୍ଷର ।

2. ବର୍ଣ୍ଣ କୁ ଆମେ ଦୁଇ ଭାଗରେ ବିଭକ୍ତ କରିପାରିବା ।

(୧) ସ୍ୱର ବର୍ଣ୍ଣ

(୨) ବ୍ୟଞ୍ଜନ ବର୍ଣ୍ଣ

ସ୍ୱରବର୍ଣ୍ଣ : ଯେଉଁ ଧ୍ୱନିଗୁଡ଼ିକ ଅନ୍ୟର ସାହାଯ୍ୟ ନନେଇ ଆପେ ଆପେ ଉଚ୍ଚାରିତ ହୁଅନ୍ତି, ସେଗୁଡ଼ିକ ସ୍ୱରବର୍ଣ୍ଣ । ସ୍ୱରବର୍ଣ ୧୧ଟି । ଯଥା:ଅ, ଆ, ଇ, ଈ, ଉ, ଊ, ଋ, ଏ, ଐ, ଓ, ଔ । ସ୍ୱରବର୍ଣ୍ଣ ଦୁଇପ୍ରକାର (୧) ଶୁଦ୍ଧସ୍ୱର (୨) ସଂଯୁକ୍ତ ସ୍ୱର

ଶୁଦ୍ଧସ୍ୱର : ଯେଉଁ ସ୍ୱରଧ୍ୱନି ଉଚ୍ଚାରଣବେଳେ ଜିହ୍ୱା ଓ ଓଠରେ କୌଣସି ପରିବର୍ତ୍ତନ ହୁଏ ନାହିଁ, ସେଗୁଡ଼ିକୁ ଶୁଦ୍ଧସ୍ୱର । ଯଥା :- ଅ, ଆ, ଇ, ଈ, ଉ, ଊ, ଋ, ଏ, ଓ ।

ସଂଯୁକ୍ତ ସ୍ୱର :ଯେଉଁ ସ୍ୱରଧ୍ୱନି ଉଚ୍ଚାରଣବେଳେ ଜିହ୍ୱ ଓ ଓଠରେ ସାମାନ୍ୟ ପରିବର୍ତ୍ତନ ହୋଇଥାଏ, ତାକୁ ସଂଯୁକ୍ତ ସ୍ୱର କହନ୍ତି । ଯଥା:- ଏ (ଅ + ଇ), ଓ (ଅ + ଉ) ସଂଯୁଇ ସ୍ୱରକୁ ମିଶ୍ରିତ ସ୍ୱର ମଧ କହନ୍ତି । କାରଣ ଏକା ସ୍ୱର ଧ୍ୱନିରେ ସେଗୁଡ଼ିକ ଉଚ୍ଚାରିତ

ବ୍ୟଞ୍ଜନ ବର୍ଣ୍ଣ :

© Copyright Reserved Only Digital Odisha & Odisha Sarkari Exam

ଯେଉଁ ଧ୍ୱନିଗୁଡ଼ିକ ସ୍ୱର ବର୍ଣ୍ଣର ସାହାଯ୍ୟ ବ୍ୟତୀତ ଉଚ୍ଚାରିତ ହୋଇପାରନ୍ତି ନାହିଁ, ସେଗୁଡ଼ିକୁ ବ୍ୟଞ୍ଜନ ବର୍ଣ୍ଣ କହନ୍ତି । ଯଥା:କ, ଖ, ଗ, ଘ, ଙ, ଚ, ଛ, ଛ, ଝ, , ଟ, ଠ, ଡ, ଢ, ଣ, ତ, ଥ, ଦ, ଧ, ନ, ପ, ଫ, ବ, ଭ, ମ, ଯ, ର, ଲ, ଓ, ଶ, ଷ, ସ, ହ, କ୍ଷ ।

ଉଦାହରଣ :- କ' ବର୍ଣ୍ଣ ଉଚ୍ଚାରଣ କଲେ 'କ୍' ସହିତ । "ଅ" ସ୍ୱର ବର୍ଣ୍ଣର ସାହାଯ୍ୟ ଲୋଡ଼ିବାକୁ ହୁଏ ।

ସେହିପରି ଖ = ଖ + ଅ, ଗ = ଗ + ଅ,

ଆଶ୍ରୟୀ ସ୍ୱର :ବ୍ୟଞ୍ଜନ ଧ୍ୱନିଗୁଡ଼ିକ ନିଜେ ଉଚ୍ଚାରିତ ହୋଇପାରନ୍ତି ନାହିଁ । ସ୍ୱରକୁ ଆଶ୍ରୟ କରି ଏଗୁଡ଼ିକ ଉଚ୍ଚାରିତ ହୁଅନ୍ତି ।

ଆଶ୍ରୟୀ ସ୍ୱର କାହାକୁ କୁହାଯାଏ ?

ବ୍ୟଞ୍ଜନ ଧ୍ୱନି ଗୁଡ଼ିକ ସ୍ୱରକୁ ଆଶ୍ରୟ କରି ଉଚ୍ଚାରିତ ହେଉଥିବାରୁ ସ୍ୱରଗୁଡ଼ିକୁ ଆଶ୍ରୟୀ ସ୍ୱର କୁହାଯାଏ ।

ଆଶ୍ରୟୀ ସ୍ୱର କେତେ ପ୍ରକାର ଓ କଣ କଣ ?

ଆଶ୍ରୟୀ ସ୍ୱର ଦୁଇ ପ୍ରକାର

(୧) ପୂର୍ବ ଆଶ୍ରୟୀ ସ୍ୱର

(୨) ପର ଆଶ୍ରୟୀ ସ୍ୱର

ପୂର୍ବ ସ୍ୱରକୁ ଆଶ୍ରୟ କରି ବ୍ୟଞ୍ଜନ ଧ୍ୱନି ଉଚ୍ଚାରିତ ହେଲେ ସେହି ସ୍ୱରକୁ ପୂର୍ବ ଆଶ୍ରୟୀ ସ୍ୱର କୁହାଯାଏ । ଆଶ୍ରୟୀ ସ୍ୱର ପରେ ଥିବା ବ୍ୟଞ୍ଜନ ନି ହଳନ୍ତ ଯୁକ୍ତ ହୋଇଥାଏ

ସ୍ୱର ଓ ବ୍ୟଞ୍ଜନ ଧ୍ୱନି ମଧ୍ୟରେ ପାର୍ଥକ୍ୟ କଣ ?

ସ୍ୱର ଧ୍ୱନି ସର୍ବଦା ସ୍ୱାଧୀନ କାହାର ଆଶ୍ରୟ ନ ନେଇ ଏଗୁଡ଼ିକ ଉଚ୍ଚାରିତ ହୋଇଥାନ୍ତି । ଅ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଧ୍ୱନି ଗୁଡ଼ିକ ସ୍ୱର ଧ୍ୱନି ।

ବ୍ୟଞ୍ଜନ ଧ୍ୱନିଗୁଡ଼ିକ ସର୍ବଦା ସ୍ୱର ଧ୍ୱନି ଉପରେ ନିର୍ଭରଶୀଳ । ତେଣୁ ବିନା ସ୍ୱରର ସାହାଯ୍ୟରେ ଏଗୁଡ଼ିକ ଉଚ୍ଚାରିତ ହୁଅନ୍ତି ନାହିଁ । ଏଗୁଡ଼ିକ ସର୍ବଦା ଆଶ୍ରୟୀ ସ୍ୱର ଦରକାର କରନ୍ତି ।

ବ୍ୟଞ୍ଜନ ବର୍ଣ୍ଣର ବିଭାଗୀକରଣ ।

ଯେଉଁ ଧ୍ୱନିଗୁଡ଼ିକ ସ୍ୱରଧ୍ୱନିର ବିନା ସାହାଯ୍ୟରେ ଉଚ୍ଚାରିତ ହୋଇ ପାରନ୍ତି ନାହିଁ, ସେଗୁଡ଼ିକ ବ୍ୟଞ୍ଜନ ଧ୍ୱନି । ବ୍ୟଞ୍ଜନ ଧ୍ୱନିର ଲିତ ରୂପ ବ୍ୟଞ୍ଜନ ବର୍ଣ୍ଣ । ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକ ସାଧାରଣତଃ ୨ ଭାଗରେ ବିଭକ୍ତ । -

(୧) ବର୍ଗ ବ୍ୟଞ୍ଜନ

(୨) ଅବର୍ଗ୍ୟ ବ୍ୟଞ୍ଜନ

ବର୍ଗ୍ୟ ବ୍ୟଞ୍ଜନ :

ଯେଉଁ ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକ ଉଚ୍ଚାରଣ କଲାବେଳେ କଣ୍ଠ, ତାଲୁ, ମୂର୍ଦ୍ଧା, ଦନ୍ତ କିମ୍ବା ଓଷ୍ଠକୁ ବର୍ଷ କରିଥାଏ ସେଗୁଡ଼ିକୁ ବର୍ଗ ବ୍ୟଞ୍ଜନ ବର୍ଣ୍ଣ କହନ୍ତି । "କ' ଠାରୁ 'ମ' ପର୍ଯ୍ୟନ୍ତ ୨୫ଟି ବର୍ଣ୍ଣ

© Copyright Reserved Only Digital Odisha & Odisha Sarkari Exam

ବର୍ଗୀୟ ବ୍ୟଞ୍ଜନ । ଉଚ୍ଚାରଣ ସ୍ଥାନ ଅନୁସାରେ ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକ ୫ ଭାଗରେ ବିଭକ୍ତ ।

(୧) 'କ' ବର୍ଗ – କ, ଖ, ଗ, ଘ, ଙ - କଣ୍ଠବର୍ଣ୍ଣ (ଉଚ୍ଚାରଣ ସ୍ଥାନ କଣ୍ଠରୁ) ।

(୨) 'ଚ' ବର୍ଗ – ଚ, ଛ, ଜ, ଝ, ଞ - ତାଲବ୍ୟ ବର୍ଣ୍ଣ (ଉଚ୍ଚାରଣ ସ୍ଥାନ ତାଲୁ' ରୁ)

(୩) ଟ' ବର୍ଗ - ଟ, ଠ, ଡ଼, ଢ, ଣ – ମୁର୍ଧନ୍ୟ ବର୍ଣ୍ଣ (ଉଚ୍ଚାରଣ ସ୍ଥାନ ମୂର୍ଦ୍ଧା ରୁ (ଉପର ଦାନ୍ତର ମାଢ଼ିରୁ)

(୪) ତ' ବର୍ଗ - ତ, ଥ, ଦ, ଧ, ନ – ଦନ୍ତ୍ୟ ବର୍ଣ୍ଣ (ଉଚ୍ଚାରଣ ସ୍ଥାନ ଦାନ୍ତରୁ)

(୫) "ପ ବର୍ଗ – ପ, ଫ, ବ, ଭ, ମ - ଓଷ୍ଠ ବର୍ଣ୍ଣ (ଜଚ୍ଚାରଣ ସ୍ଥାନ ଓଠ ରୁ)

ଅବର୍ଗୀ ବ୍ୟଞ୍ଜନ :

୨୫ଟି ବର୍ଗ ବ୍ୟଞ୍ଜନ (କ' ଠାରୁ 'ମ' ପର୍ଯ୍ୟନ୍ତ) କୁ ବାଦ ଦେଲେ ଅନ୍ୟ ବ୍ୟଞ୍ଜନଗୁଡ଼ିକ 'ଅବର୍ଗ ବ୍ୟଞ୍ଜନ । ଅବର୍ଗ ବ୍ୟଞ୍ଜନ ୩ ଭାଗରେ ବିଭକ୍ତ ।

(୧) ଅନ୍ତସ୍ଥ ବର୍ଣ୍ଣ

(୨) ଉଷ୍ମ ବର୍ଣ୍ଣ

(୩) ଅଯୋଗବାହ ବର୍ଣ୍ଣ

ଉପଧ୍ୱନି :

ଧ୍ୱନିର ନିକଟତର ବା ପ୍ରାୟ ଅନୁରୂପ ଧ୍ୱନିକୁ ଉପନି କହନ୍ତି ।

ଯୁକ୍ତ ବ୍ୟଞ୍ଜନ କ' ଣ ?

ଗୋଟିଏ ବ୍ୟଞ୍ଜନ ବର୍ଣ୍ଣ ସହିତ ଆଉ ଏକ ବା ଏକାଧିକ ବ୍ୟଞ୍ଜନ ବର୍ଣ୍ଣ ମିଶି ଯେଉଁ ବର୍ଣ୍ଣ ସୃଷ୍ଟି ହୁଏ ତାକୁ ଯୁକ୍ତବ୍ୟଞ୍ଜନ କହନ୍ତି । ଯେଉଁ ବର୍ଣ୍ଣ ସହିତ ଅନ୍ୟ ବ୍ୟଞ୍ଜନ ମିଶେ ସେହି ବର୍ଣ୍ଣଟି ହଳନ୍ତ ଯୁକ୍ତ ହୋଇଥାଏ । ଅନ୍ୟ ବର୍ଣ୍ଣଗୁଡ଼ିକ ତାହାର ଡାହାଣ ପାଖରେ ରହିଥାନ୍ତି ।..

ସ୍ୱତନ୍ତ୍ରଯୁକ୍ତି ବ୍ୟଞ୍ଜନ କ' ଣ ?

ବର୍ଗୀବର୍ଷ ୨୫ଟି 'କ' ଠାରୁ 'ମ' ପର୍ଯ୍ୟନ୍ତ । ଏଗୁଡ଼ିକର ଉଚ୍ଚାରଣ ସ୍ଥାନ ଅନୁସାରେ ଏହାକୁ ୫ ଭାଗରେ ବି ଭକ୍ତ କରାଯାଇଛି । ବର୍ଗର ୫ମ ବିଗୁଡ଼ିକୁ ଅନୁନାସିକ ବା ନାସିକ ବର୍ଣ୍ଣ (ନି) କହନ୍ତି । ବର୍ଗର ୫ମ ବର୍ଣ ସେହି ବର୍ଗର ଅନ୍ୟାନ୍ୟ ବର୍ଣ୍ଣ ସହିତ ମିଶି ଯେଉଁ ନୂତନ ବର୍ଣ ସୃଷ୍ଟି ହୁଏ ତାହାକୁ ସ୍ୱତନ୍ତ୍ର ଯୁକ୍ତ ବ୍ୟଞ୍ଜନ କୁହାଯାଏ । ଉଭୟ ବର୍ଣ୍ଣରୁ କିଛି କିଛି ଅଂଶ ମିଶି ସ୍ୱତନ୍ତ୍ର ଯୁକ୍ତ ବ୍ୟଞ୍ଜନର ସୃଷ୍ଟି

ଶବ୍ଦ

ଶବ୍ଦ କାହାକୁ କହନ୍ତି ?

© Copyright Reserved Only Digital Odisha & Odisha Sarkari Exam

ଅର୍ଥ ପ୍ରକାଶ କରୁଥିବା ଗୋଟିଏ ବର୍ଣ୍ଣ ବା ଏକାଧିକ ବର୍ଣ୍ଣର ସମଷ୍ଟି କୁ ଶବ୍ଦ କହନ୍ତି | ଯଥା -ରାମ , ଫଳ , ସାହିତ୍ୟ ....ଇତ୍ୟାଦି |

ମୌଳିକ ଶବ୍ଦ କାହାକୁ କହନ୍ତି ?

ଯେଉଁ ଶବ୍ଦ ଗୁଡିକ ଏକକ ଅର୍ଥାତ ଏଥିରୁ ଗୋଟିଏ ଧ୍ୱନି ବା ବର୍ଣ୍ଣକୁ ତାହା ପର୍ଯ୍ୟାୟବାଚୀ ଅର୍ଥ ପ୍ରକାଶ କରିବାକୁ ଅକ୍ଷମ ହୁଏ ତାକୁ ମୌଳିକ ଶବ୍ଦ କହନ୍ତି | ଏଥିରେ କୌଣସି ପ୍ରତ୍ୟୟ ଯୋଗ ହେଇନଥାଏ |

ବ୍ୟାପନ୍ନ ଶବ୍ଦ କାହାକୁ କହନ୍ତି ?

ମୂଳ ଶବ୍ଦ ବା ଧାତୁରେ ପ୍ରତ୍ୟୟ ଯୋଗ କରାଯାଇ ନୂତନ ଶବ୍ଦ ଗଠନ କରାଗଲେ ତାକୁ ବ୍ୟୁତ୍ପନ୍ନ ଶବ୍ଦ କହନ୍ତି ।

ଓଡ଼ିଆ ଭାଷାରେ ଅନେକ ଶବ୍ଦ ରହିଛି । ପ୍ରାୟ ଦୁଇଲକ୍ଷ) । ଶବ୍ଦଗୁଡ଼ିକ କେଉଁଠାରୁ କିପରି ଭାବରେ ଆସିଛି । ତାହା ବିଚାରକୁ ନେଇ ଶବ୍ଦଗୁଡ଼ିକୁ ଚାରି ଭାଗରେ ବିଭକ୍ତ କରାଯାଇଛି ।

ଯଥା:-

(୧) ତସମ

(୨) ତଭବ

(୩) ଦେଶଜ

(4) ବୈଦେଶିକ

ତତ୍ସମ ଶବ୍ଦ

ତତ୍ସମ ଅର୍ଥାତ୍ ତତ୍ (ସଂସ୍କୃତ) ସମ । ସଂସ୍କୃତ ଭାଷା ସବୁ ଭାରତୀୟ ଭାଷାର ଜନନୀ । ଆମ ଭାଷା ଓଡ଼ିଆ ସଂସ୍କୃତ ଭାଷାର ନିକଟତର । ସଂସ୍କୃତ ଭାଷାରେ ଯେଉଁ - ଶବ୍ଦ ବ୍ୟବହାର କରାଯାଏ, ଅବିକଳ ଭାବରେ ସେହି ଶବ୍ଦଗୁଡ଼ିକ ଓଡ଼ିଆ ଭାଷାରେ ବ୍ୟବହାର କରାଯାଏ । ସେହି ଶବ୍ଦ ଗୁଡ଼ିକୁ ତତ୍ସମ ଶବ୍ଦ କହନ୍ତି ।

ତଭବ ଶବ୍ଦ :

ତଭବ = ତତ୍ + ଭବ ଅର୍ଥାତ୍ ତତ୍ (ସଂସ୍କୃତ) ଶବ୍ଦରୁ । ଜାତି । ଅନେକ ସଂସ୍କୃତ ଶବ୍ଦ କାଳକ୍ରମେ ଉଚ୍ଚାରଣ ସୌକର୍ଯ୍ୟ ଦୃଷ୍ଟିରୁ ରୂପାନ୍ତରିତ ବା ସାମାନ୍ୟ ପରିବର୍ତ୍ତିତ ହୋଇ ଓଡ଼ିଆ ଭାଷାରେ । ବ୍ୟବହୃତ ହୋଇ ଆସୁଛି । ସେହି ଶବ୍ଦଗୁଡ଼ିକୁ ତଭବ ଶବ୍ଦ କହନ୍ତି । ସୁତରା ତଭବ ଶବ୍ଦ, ସଂସ୍କୃତ ଶବ୍ଦର ପରିବରିତ ରୂପ ।

ଉଦାହରଣ :-

ସଂସ୍କୃତ	ତଭବ
ନଦୀ	ନଈ
ଗାଭୀ	ଗାଈ
କର୍ଣ୍ଣ	କାନ

© Copyright Reserved Only Digital Odisha & Odisha Sarkari Exam

ଘୃତ	ଘିଅ
ବଂଶ	ବାଉଁଶ
ମାଂସ	ମାଉଁସ ଇତ୍ୟାଦି

ଦେଶଜ ଶବ୍ଦ :

ତତ୍ସମ ଓ ତଦ୍ଭବ ବ୍ୟତୀତ ଆଉ କେତେକ ଶବ୍ଦ ବହୁକାଳରୁ ଲୋକମାନଙ୍କ ମୁହଁରୁ ବାହାରି ବ୍ୟବହୃତ ହୋଇ ଆସିଛି । ଓଡ଼ିଆ ଭାଷାରେ ଏଭଳି ଅନେକ ଶବ୍ଦ ଅଛି ଯାହା ସଂସ୍କୃତିର ଅବିକଳ ରୂପ ନୁହେଁ କିମ୍ବା ସାମାନ୍ୟ ପରିବର୍ଜିତ ରୂପ ନୁହେଁ । ଏଗୁଡ଼ିକ ଓଡ଼ିଆ ଭାଷାଭାଷୀଙ୍କ ମୁହଁରୁ ଆପେ ଆପେ ବାହାରିଥିବା ଶବ୍ଦ । ଏଗୁଡ଼ିକ ଦେଶରୁ ଭିଭୂତ ହୋଇଥିବାରୁ ଏଗୁଡ଼ିକୁ ଦେଶଜ ଶବ୍ଦ କହନ୍ତି ।

ଉଦାହରଣ : ଅଳିଆ, ଅଡ଼ା, କୁଟା, ଏଣ୍ଡୁରି, ଅଥାର, ଭେକ ଇତ୍ୟାଦି ।

ବୈଦେଶିକ ଶବ୍ଦ :

ଶାସନ ସୂତ୍ରରେ ହେଉ କିମ୍ବା ବ୍ୟବସାୟ ବାଣିଜ୍ୟ ସୂତ୍ରରେ ହେଉ କିମ୍ବା ଦେଶାନ୍ତରୀକରଣ ସୂତ୍ରରେ ହେଉ ଓଡ଼ି ଶାର ଅଧିବାସୀମାନେ ଅନ୍ୟ ଭାଷାଭୀଷା ବା ବିଦେଶୀମାନଙ୍କ ସଂସ୍ପର୍ଶରେ ଆସିବା ଫଳରେ ସେମାନଙ୍କ ଭାଷାର କେତେକ ଶବ୍ଦ ଆମ ଭାଷାରେ ଅନୁରୂପ ଭାବରେ ବା ସାମାନ୍ୟ ପରିବରିତ ହୋଇ ପ୍ରବେଶ କରିଛି । ଏଗୁଡ଼ିକୁ ବୈଦେଶିକ ଶବ୍ଦ କହନ୍ତି ।

1. ନିମ୍ନଲିଖିତ ଶବ୍ଦମାନଙ୍କ ମଧ୍ୟରୁ କେଉଁଟି ମୌଳିକ ଶବ୍ଦ ନୁହେଁ ?

(A) ପାଣି

(B) ବୈଜ୍ଞାନିକ

(C) ପତ୍ର

(D) ଭାତ

ଉତ୍ତର – B

2. ଯେଉଁ ସଂସ୍କୃତ ଶବ୍ଦଗୁଡ଼ିକ ଓଡ଼ିଆ ଭାଷାରେ ଅବିକଳ ବ୍ୟବହୃତ ହୁଏ, ତାକୁ କ' ଣ କହନ୍ତି ?

(A) ତତଭବ

(B) ତତସମ

(C) ଦେଶଜ

(D) ବୈଦେଶିକ

ଉତ୍ତର – B

3. ଯେଉଁ ସଂସ୍କୃତ ଶବ୍ଦଗୁଡ଼ିକ ସାମାନ୍ୟ ପରିବର୍ତ୍ତିତ ହୋଇ ଓଡ଼ିଆରେ ବ୍ୟବହୃତ ହୁଏ ତାକୁ କଣ କହନ୍ତି ?

© Copyright Reserved Only Digital Odisha & Odisha Sarkari Exam

(A) ତତ୍ସମ

(B) ତଦ୍ଭବ

(C) ଦେଶଜ

(D) ବୈଦେଶିକ

ଉତ୍ତର – B

4. ତତ୍ସମ, ତଦ୍ଭବ ଶବ୍ଦରେ ଥିବା 'ତତ୍' କେଉଁ ଅର୍ଥରେ ବ୍ୟବହୃତ ?

(A) ଭଗବାନ

(B) ଈଶ୍ୱର

(C) ସତ୍

(D) ସଂସ୍କୃତ

ଉତ୍ତର – D

5. ଯେଉଁ ଶବ୍ଦଗୁଡ଼ିକ ଲୋକମାନଙ୍କ ମୁହଁରୁ ଆପେ ଆପେ ବାହାରି ଆସିଥାଏ, ତାକୁ କ' ଣ କହନ୍ତି ?

(A) ତତ୍ସମ

(B) ତଦ୍ଭବ

(C) ଦେଶଜ

(D) ବୈଦେଶିକ

ଉତ୍ତର – D

6. ଯେଉଁ ଶବ୍ଦଗୁଡ଼ିକ ଅନ୍ୟଭାଷାରୁ ବିଭିନ୍ନ କାରଣରୁ ଆସି ଆମ ଭାଷାରେ ମିଶିଛି, ତାକୁ କଣ କହିବା ?

(A) ତତ୍ସମ

(B) ତଦ୍ଭବ

(C) ଦେଶଜ

(D) ବୈଦେଶିକ

7. ଓଡ଼ିଆ ଭାଷାର ପ୍ରକୃତ ମୌଳିକତା କେଉଁ ପ୍ରକାର ଶବ୍ଦରେ ଥାଏ ?

(A) ତମ

(B) ତତଭବ

© Copyright Reserved Only Digital Odisha & Odisha Sarkari Exam

(C) ଦେଶଜ

(D) ବୈଦେଶିକ

ଉତ୍ତର – C

8. କେଉଁଟି ବୈଦେଶିକ ଶବ୍ଦ ?

(A) ଆବାସ

(B) ଉଆସ

(C) ଟେବୁଲ

(D) ଭାତ

ଉତ୍ତର – C

9. ନିମ୍ନଲିଖିତ ବୈଦେଶିକ ଶବ୍ଦମାନଙ୍କ ମଧ୍ୟରୁ କେଉଁଟି ପାରସୀ ଭାଷାରୁ ଆସି ଆମ ଭାଷାରେ ଚଳୁଛି ?

(A) କାମିଜ

(B) ଅଇନା

(C) ଗାଲିଷ୍ଟ

(D) ଟାଜନ

ଉତ୍ତର – A

10. କେଉଁ ଶବ୍ଦଟି ଅନ୍ୟ ତିନୋଟିଠାରୁ ପୃଥକ୍ଡୁ ଚିହ୍ନାଅ ।

(A) ଖାଦ୍ୟ

(B) ଖୋଦନ

(C) ବୃକ୍ଷ

(D) ଗିନା

ଉତ୍ତର – D

11. କାଠ, ପଥର, ତାଳପତ୍ର, କାଗଜ ଆଦିର ଚିକ୍କଣ ପୃଷ୍ଠାରେ ଧ୍ୱନି ଲେଖା ହେଉଥିବାରୁ ତାକୁ କ'   ଣ କୁହାଯାଏ ?

(A) ଲିପି

(B) ବର୍ଣ୍ଣ

(C) ଅକ୍ଷର

© Copyright Reserved Only Digital Odisha & Odisha Sarkari Exam

(D) କ୍ଷର

ଉତ୍ତର – A

12. ଧ୍ୱନିକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେଉଥିବାରୁ ତାକୁ କ'ଣ କହନ୍ତି ?

(A) ଲିପି

(B) ଅକ୍ଷର

(C) ଆକୃତି

(D) ବର୍ଣ୍ଣ

ଉତ୍ତର – D

13. ଧ୍ୱନିକୁ ଦୀର୍ଘକାଳ ସ୍ଥାୟୀରୂପ ଦେଉଥିବାରୁ ତାକୁ କଣ କୁହାଯାଏ ?

(A) ବର୍ଣ୍ଣ

(B) ଲିପି

(C) ଅକ୍ଷର

(D) ଆକୃତି

ଉତ୍ତର – C

14. ସ୍ୱର ଧ୍ୱନି କାହାକୁ କହନ୍ତି ?

(A) ଯେଉଁ ଧ୍ୱନି କାହାର ସାହାଯ୍ୟ ନେଇ ଆପେ ଆପେ ଉଚ୍ଚାରିତ ହୁଏ ।

(B) ଯେଉଁ ଧ୍ୱନି ଅନ୍ୟର ସାହାଯ୍ୟ ନେଇ ଉଚ୍ଚାରିତ ହୁଏ ।

(C) ଯେଉଁ ଧ୍ୱନି ଅନ୍ୟର ଅଳ୍ପ ସାହାଯ୍ୟରେ ଉଚ୍ଚାରିତ

(D) ଯେଉଁ ଧ୍ୱନି ଅନ୍ୟର ବହୁତ ସାହାଯ୍ୟ ନେଇ ଉଚ୍ଚାରିତ

ଉତ୍ତର – A

15. ସ୍ୱର ଧ୍ୱନି ସାହାଯ୍ୟରେ ଯେଉଁ ଧ୍ୱନି ଉଚ୍ଚାରିତ ହୁଏ ତାକୁ କ'ଣ କହନ୍ତି ?

(A) ସ୍ୱର ବର୍ଣ୍ଣ

(B) ବ୍ୟଞ୍ଜନ ବର୍ଣ୍ଣ

(C) ମିଶ୍ରିତ ସ୍ୱରବର୍ଣ୍ଣ

(D) ଯୁକ୍ତ ବର୍ଣ୍ଣ

© Copyright Reserved Only Digital Odisha & Odisha Sarkari Exam

ଉତ୍ତର – B

16. ପ୍ରାଥମିକ ସ୍ତର ପାଠ୍ୟ ପୁସ୍ତକରେ କେତୋଟି ସ୍ୱର ବର୍ଣ୍ଣ ଶିକ୍ଷା ଦିଆଯାଏ ?

(A) ଏଗାରଟି

(B) ବାରଟି

(C) ଷୋହଳଟି

(D) ଛଅଟି

ଉତ୍ତର – A

17. ଦୀର୍ଘ ଋ ର ଶିକ୍ଷା ଦେବାର ସପକ୍ଷ ଯୁକ୍ତିଟି କଣ ?

(A) ଏହା ଏକ ସରଳ ଲିପି ନୁହେ

(B) ଏଥିରେ ଓଡ଼ିଆରେ ଶବ୍ଦ ନାହିଁ

(C) ଏହାର ମାତ୍ରାରୂପ ଓଡ଼ିଆରେ ବ୍ୟବହୃତ ।

(D) ଏହାକୁ ଅନେକ ଦିନରୁ ଉଠାଇ ଦିଆଯାଇଛି

ଉତ୍ତର – C

18. ସ୍ୱରବର୍ଣ୍ଣର ସାଂକେତିକ ରୂପକୁ କ'ଣ କୁହାଯାଏ ?

(A) ଫଳା

(B) ମାତ୍ରା

(C) ସାଙ୍କେତିକରୂପ

(D) ସଙ୍କେତ

ଉତ୍ତର – B

19. ବ୍ୟଞ୍ଜନ ବର୍ଣ୍ଣର ସାଙ୍କେତିକ ରୂପକୁ କ'ଣ କୁହାଯାଏ ?

(A) ଫଳା

(B) ମାତ୍ରା

(C) ହଳନ୍ତ

(D) ଯୁକ୍ତାକ୍ଷର

© Copyright Reserved Only Digital Odisha & Odisha Sarkari Exam

ଉତ୍ତର – A

20. ଫୁସଫୁସରୁ ଆସୁଥିବା ବାୟୁ ନିର୍ଗତ ହେବାବେଳେ ମୁଖର ଯେଉଁ ଯେଉଁ ଅଂଶକୁ ସ୍ପର୍ଶ କରେ ତାକୁ କ’ ଣ କହନ୍ତି ?

(A) ବାୟୁଦ୍ୱାର

(B) ମୁଖଗହ୍ୱର

(C) ସ୍ୱରଯନ୍ତ୍ର

(D) କଥନ ଅଙ୍ଗ

ଉତ୍ତର – D

21. କ, ଚ, ଟ, ତ, ପ - ଏଥିରୁ ତାଲବ୍ୟ ବର୍ଷ କେଉଁଟି ?

(A) କ

(B) ଚ

(C) ଟ

(D) ପ

ଉତ୍ତର – B

22. “ଜରୁଥାଇ ଦନ୍ତ୍ୱବର୍ଣ୍ଣ ଉଚ୍ଚାରଣ’ - ଏହା ପଢ଼ାଇବା ବେଳେ ଆମେ କେଉଁ କେଉଁ ବର୍ଣ୍ଣକୁ ନିର୍ଦ୍ଦେଶ କରିବା ?

(A) କଖଗଘଙ

(B) ଚଛଜଝଞ

(C) ଟଠଡ଼ଢଣ

(D) ତଥଦଧନ

ଉତ୍ତର – B

23. ବର୍ଗ୍ୟ ବ୍ୟଞ୍ଜନ କେତୋଟି ?

(A) ୨୫ଟି

(B) ୨୦ଟି

(C) ୧୫ଟି

(D) ୧୦ଟି

© Copyright Reserved Only Digital Odisha & Odisha Sarkari Exam

ଉତ୍ତର – A

24. ଯ, ର, ଳ, ୱ – ଏହି ବର୍ଣ୍ଣଗୁଡ଼ିକୁ ଅନ୍ତସ୍ଥ ବର୍ଣ୍ଣ କୁହାଯାଏ କାହିଁକି ?

(A) ଏଗୁଡ଼ିକ ବର୍ଣ୍ଣମାଳାର ଶେଷରେ ଥାଏ

(B) ଏଗୁଡ଼ିକ ବର୍ଣ୍ଣମାଳାର ଶେଷରେ ରହିବା କଥା

(C) ଏଗୁଡ଼ିକ ବର୍ଗ୍ୟବର ଶେଷରେ ଥାଏ ।

(D) କୌଣସିଟି ସ୍ଥିର ନୁହେଁ

ଉତ୍ତର – C

25. ନିମ୍ନ ଧ୍ୱନିମାନଙ୍କରୁ କେଉଁଟି ନାସିକ ଧ୍ୱନି ନୁହେଁ ?

(A) ଗ

(B) ଉଁ

(C) ଣ

(D) ମ

ଉତ୍ତର – A

26. ନିମ୍ନ ବର୍ଣ୍ଣମାନଙ୍କ ମଧ୍ୟରୁ ଉଷ୍ମ ବର୍ଣ୍ଣ କେଉଁଟି ?

(A) ଯ

(B) ଶ

(C) ର

(D) ଘ

ଉତ୍ତର – B

27. କେଉଁଟି ଠିକ୍ ବାଛି ?

(A) ବାଢ଼

(B) କଢ଼

(C) ଧାଡ଼ି

(D) ଢ଼ିବା

ଉତ୍ତର – A

© Copyright Reserved Only Digital Odisha & Odisha Sarkari Exam

28. ଆମ ବର୍ଣ୍ଣମାଳାର ଶେଷ ବର୍ଣ୍ଣ କିଏ ?

(A) ଓ '

(B) ହ

(C) ମ

(D) କ୍ଷ

ଉତ୍ତର – D

29. 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ବକୁ ଆଦ୍ୟରେ ରଖି ଯେଉଁ କବିତା ଲେଖାଯାଏ ତାକୁ କ' ଣ କହନ୍ତି ?

(A) ଚଉତିଶା

(B) କେଶବକୋଇଲି

(C) ଜଣାଣ

(D) ଭଜନ

ଉତ୍ତର – A

30. ସ୍ୱତନ୍ତ୍ର ଯୁକ୍ତ ବ୍ୟଞ୍ଜନଟି କିଏ ଚିହ୍ନା ?

(A)ଷ୍ଟ୍ର

(B) କ୍ଷ

(C) ଷ୍ଟ

(D) କୌ

ଉତ୍ତର – B

31. ଯୁକ୍ତ ବ୍ୟଞ୍ଜନଟି ଚିହ୍ନାଅ ।

(A) ଙ୍କ

(B) ଙ୍ଗ

(C) ଞ୍ଚ

(D) ସ୍ୱ

ଉତ୍ତର – D

© Copyright Reserved Only Digital Odisha & Odisha Sarkari Exam

32. ନନ୍ଦନ - ଏହି ଶବ୍ଦରେ ଥିବା ଦୁଇଟି 'ନ'   ମଧ୍ୟରୁ ନିରନୁନାସିକ କିଏ ?

(A) ପ୍ରଥମ 'ନ'

(B) ଶେଷ 'ନ'

(C) କେଉଁଟି ନୁହେଁ

(D) ଉଭୟ 'ନ'

ଉତ୍ତର – A

33. ଅର୍ଥପ୍ରକାଶ କରୁଥିବା ଗୋଟିଏ ବର୍ଣ୍ଣ ବା ବର୍ଣ୍ଣର ସମଷ୍ଟିକୁ କ'   ଣ କହନ୍ତି ?

(A) ଅକ୍ଷର

(B) ଲିପି

(C) ଶବ୍ଦ

(D) ବାକ୍ୟ

ଉତ୍ତର – C

34. ଗୋଟିଏ ଶବ୍ଦରୁ ଗୋଟିଏ ବା କେତୋଟି ବର୍ଣ୍ଣ ବାହାର କରି ନେଲେ ତାହା ଶବ୍ଦର କେଉଁ ଗୁଣକୁ କ୍ଷୁର୍ଣ୍ଣ କରେ ?

(A) ସୌନ୍ଦର୍ଯ୍ୟହାନି

(B) ଉଚ୍ଚାରଣଗତ ତ୍ରୁଟି

(C) ଅର୍ଥ ପ୍ରକାଶ କରି ନଥାଏ

(D) କିଛି କ୍ଷୁର୍ଣ୍ଣ ହୁଏ ନାହିଁ

ଉତ୍ତର – C

35. ଯେଉଁ ଶବ୍ଦରେ କୌଣସି ପ୍ରତ୍ୟୟ ଯୋଗ ହୋଇ ନଥାଏ, ତାକୁ କ'ଣ କହନ୍ତି ?

(A) ମୌଳିକ ଶବ୍ଦ

(B) ଯୌଗିକ ଶବ୍ଦ

(C) ବ୍ୟାପନ୍ନ ଶବ୍ଦ

(D) ବ୍ୟୁତ୍ପାଦିତ ଶବ୍ଦ

ଉତ୍ତର – A

36. ନିମ୍ନ ଶବ୍ଦମାନଙ୍କ ମଧ୍ୟରୁ କେଉଁଟି ମୌଳିକ ଶବ୍ଦ ?

© Copyright Reserved Only Digital Odisha & Odisha Sarkari Exam

(A) ପାଠୁଆ

(B) ଅପାଠୁଆ

(C) ପାଇ

(D) ପାଠ

ଉତ୍ତର – D

37. ଭାଷାର ସର୍ବନିମ୍ନ ଏକକକୁ କ' ଣ କହନ୍ତି ?

(A) ଧ୍ୱନି

(B) ଲିପି

(C) ମାତ୍ରା

(D) ଫଳା

ଉତ୍ତର – A

38. ପ୍ରତ୍ୟେକ ଜୀବ ନିଜ ମନର ଭାବକୁ କିପରି ପ୍ରକାଶ କରିଥାନ୍ତି ?

(A) ଧ୍ୱନିଦ୍ୱାରା

(B) ଅଙ୍ଗଭଙ୍ଗୀଦ୍ୱାରା ।

(C) ଇଙ୍ଗିତ ଦ୍ୱାରା

(D) ଧ୍ୱନି ଓ ଅଙ୍ଗଭଙ୍ଗୀଦ୍ୱାରା

ଉତ୍ତର – D

39. ଧ୍ୱନିର ଲିଖିତ ରୂପକୁ କ' ଣ କହନ୍ତି ?

(A) ବର୍ଣ୍ଣ

B) ଅକ୍ଷର

(C) ଲିପି

(D) ଲିଖିତ ଧ୍ୱନି

ଉତ୍ତର – A

40. ଧ୍ୱନି ପଦ୍ଧତି ବନ୍ଦ ହେଲେ କ'ଣ ହୁଏ ?

(A) ବର୍ଣ୍ଣ

© Copyright Reserved Only Digital Odisha & Odisha Sarkari Exam

(B) ଲିପି ।

(C) ଅର୍ଥପୂର୍ଣ୍ଣ

(D) କେଉଁଟି ନୁହେଁ

ଉତ୍ତର – C

41. ରାମ – ଏହି ଶବ୍ଦରେ କେଉଁ କେଉଁ ଧ୍ୱନି ଅଛି ?

() ର + ମ୍ + ଆ + ଅ

(B) ର୍ + ଆ + ମ୍ + ଅ

(C) ର୍ + ଅ + ଆ + ମ୍

(D) ର୍ + ଅ + ମ୍ + ଆ

ଉତ୍ତର – B

42. ରମା - ଏହି ଶବ୍ଦରେ କେଉଁ କେଉଁ ଧ୍ୱନି ରହିଛି ?

(A) ର୍ + ଅ + ମ୍ + ଆ

(B) ର୍ + ଆ + ମ୍ + ଅ

(C) ର + ଆ + ଅ + ମ

(D) ର୍ + ମ୍ + ଅ + ଆ

ଉତ୍ତର – A

43. ଧ୍ୱନି ପଦ୍ଧତି ବଦ୍ଧ ନ ହେଲେ କ'ଣ ହୁଏ ?

(A) ପ୍ରକାଶିତ ହୁଏ ନାହିଁ

(B) ଅର୍ଥପୂର୍ଣ୍ଣ ହୁଏ ନାହିଁ ।

(C) ପ୍ରକାଶିତ ହୁଏ

(D) ଅର୍ଥ ପୂର୍ଣ୍ଣ ହୁଏ

ଉତ୍ତର –B

44. ଧ୍ୱନିର ଲିଖିତ ରୂପକୁ କ'ଣ କୁହାଯାଏ ?

(A) ଉପଧ୍ୱନି

(B) ଲିଖିତ ଧ୍ୱନି

© Copyright Reserved Only Digital Odisha & Odisha Sarkari Exam

(C) ବର୍ଣ୍ଣ

(D) ବର୍ଣ୍ଣମାଳା

ଉତ୍ତର – C

45. ବର୍ଣ୍ଣ ର ଉଚ୍ଚାରିତ ରୂପକୁ କଣ କୁହାଯାଏ ?

(A) ଉପବର୍ଣ

(B) ଉଚ୍ଚାରିତ ବର୍ଣ୍ଣ

(C) ଧ୍ୱନି

(D) ଲିପି

ଉତ୍ତର – C

46. ଧ୍ୱନିକୁ ଏକ ଲିଖିତ ନିର୍ଦ୍ଦିଷ୍ଟ ଆକାର କିଏ ଦେଇଥାଏ ?

(A) ଲିପି

(B) ଅକ୍ଷର

(C) ଉପଧ୍ୱନି

(D) ବର୍ଣ୍ଣ

ଉତ୍ତର – D

ଶବ୍ଦ

ଶବ୍ଦ କାହାକୁ କହନ୍ତି ?

ଏକ ବା ଏକାଧିକ ଅକ୍ଷର ମିଶି କୌଣସି ଅର୍ଥ ପ୍ରକାଶ କରୁଥିଲେ ତାକୁ ଶବ୍ଦ କହନ୍ତି ।

ଯଥା:- ରାମ, ଶ୍ୟାମ, ବହି, ଖାତା, ଘର, ଗାଁ, ଦେଶ.... ଇତ୍ୟାଦି ।

ବାକ୍ୟ କାହାକୁ କହନ୍ତି ?

ଏକ ବା ଏକାଧିକ ସମ୍ବନ୍ଧଥିବା ଶବ୍ଦ ମିଶି କହୁଥିବା ଲୋକର ମନର ଗୋଟିଏ ଭାବ ପ୍ରକାଶ କରୁଥିଲେ ତାକୁ ବାକ୍ୟ କହନ୍ତି ।

ଉଦାହରଣ : ରାମ ଗୋଟିଏ ଭଲ ପିଲା

ପଦ -

© Copyright Reserved Only Digital Odisha & Odisha Sarkari Exam

ବାକ୍ୟର ପ୍ରତ୍ୟେକ ଅଂଶ ଗୋଟିଏ ଗୋଟିଏ ପଦ । କିମ୍ବା ଶବ୍ଦ ବାକ୍ୟରେ ବ୍ୟବହୃତ ହେଲେ ପଦ ହୋଇଯାଏ ।

ପଦ କେତେ ପ୍ରକାର ?

ପଦ ୫ ପ୍ରକାର । ଯଥା:- ବିଶେଷ୍ୟ, ବିଶେଷଣ, ସର୍ବନାମ, ଅବ୍ୟୟ, କ୍ରିୟା ।

ବିଶେଷ୍ୟ ପଦ କାହାକୁ କହନ୍ତି ?

ଯେଉଁ ପଦ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି, ବସ୍ତୁ, ଜାତି, ଗୁଣ ବା କ୍ରିୟାର ନାମକୁ ବୁଝାଏ, ତାକୁ ବିଶେଷ୍ୟ ପଦ କହନ୍ତି |

ବିଶେଷ୍ୟ ପଦର ପ୍ରକାରଭେଦ :

(୧) ବ୍ୟକ୍ତିବାଚକ ବା ନାମବାଚକ ବା ସଂଜ୍ଞା ବାଚକ ବିଶେଷ୍ୟ :

ବ୍ୟକ୍ତିବାଚକ କହିଲେ କେବଳ ଲୋକର ନାମ ଏହା ନୁହେଁ, ଏହା କୌଣସି ଗ୍ରାମ, ସହର, ଦେଶ, ନଦୀ, ହ୍ରଦ, ପର୍ବତ ଇତ୍ୟାଦିର ନାମକୁ ବୁଝାଏ । ଯେକୌଣସି ଗୋଟିଏ • ନାମକୁ ବୁଝାଉଥିବାରୁ ଏହା ନାମବାଚକ |

ଯଥା :-ରାମ, ଗଙ୍ଗା, କଟକ, ଓଡ଼ିଶା, ଭାରତ, ବୈଶାଖ ଇତ୍ୟାଦି ।

(୨) ଜାତିବାଚକ ବିଶେଷ୍ୟ : ଯେଉଁ ବିଶେଷ୍ୟ ପଦ ଗୋଟିକୁ ନ ବୁଝାଇ ଗୋଟିଏ ଜାତି ବା ଗୋଷ୍ଠୀକୁ ବୁଝାଏ, ତାକୁ ଜାତି ବାଚକ ବିଶେଷ୍ୟ କହନ୍ତି ।

ଉଦାହରଣ- ମାଛ, ଗାଇ, ମଣିଷ, ବାଳକ, ନେତା, ମନ୍ତ୍ରୀ..... ଇତ୍ୟାଦି

(୩) ବସ୍ତୁବାଚକ ବିଶେଷ୍ୟ : ଯେଉଁ ବିଶେଷ୍ୟପଦ କୌଣସି ବସ୍ତୁ ବା ପଦାର୍ଥର ନାମକୁ ବୁଝାଏ, ତାକୁ ବସ୍ତୁବାଚକ ବିଶେଷ୍ୟ କହନ୍ତି । ଉଦାହରଣ - ଇଟା, ପଥର, ଲୁହା, ସୁନା, ମାଟି, ପାଣି ..... ଇତ୍ୟାଦି ।

4. ଗୁଣବାଚକ ବିଶେଷ୍ୟ : ଯେଉଁ ବିଶେଷ୍ୟ ପଦ କୌଣସି । ନିର୍ଦ୍ଦିଷ୍ଟ ନାମକୁ ବୁଝାଏ, ତାକୁ ଗୁଣବାଚକ ବିଶେଷ୍ୟ । କହନ୍ତି । ଯଥା:- ଭଦ୍ରତା, ନମ୍ରତା, ସାଧୁତା, ଦୟା, କ୍ଷମା,

ସୌନ୍ଦର୍ଯ୍ୟ, ସରଳତା .... ଇତ୍ୟାଦି ।

ଗୁଣବାଚକ ବିଶେଷ୍ୟ ପଦକୁ ଦେଖି ହୁଏ ନାହିଁ କି ସ୍ପର୍ଶ କରି ହୁଏ ନାହିଁ । ଏହାକୁ କେବଳ ଅନୁଭବ କରିହୁଏ । କିନ୍ତୁ ବ୍ୟକ୍ତିବାଚକ, ଜାତିବାଚକ, ବସ୍ତୁବାଚକ ବିଶେଷ୍ୟ ପଦ ଗୁଡ଼ିକୁ ଦେଖି ହୁଏ, ସ୍ପର୍ଶ କରି ହୁଏ । ବିଶେଷ୍ୟ ପଦଟିଏ କହିବା ବେଳେ ଏହି ସୂକ୍ଷ୍ମ ପ୍ରଭେଦଟିକୁ ଭାବିବାକୁ ପଡ଼ିବ]

(୫) କ୍ରିୟାବାଚକ ବିଶେଷ୍ୟ : ଯେଉଁ ବିଶେଷ୍ୟ ପଦ କୌଣସି କ୍ରିୟା ବା କାର୍ଯ୍ୟର ନାମକୁ ବୁଝାଏ, ତାକୁ କ୍ରିୟା ବାଚକ ବିଶେଷ୍ୟ କହନ୍ତି ।

ଯଥା:- ଖାଇବା (ଗୋଟିଏ କାର୍ଯ୍ୟର ନାମ)

© Copyright Reserved Only Digital Odisha & Odisha Sarkari Exam

ପଠନ (ଗୋଟିଏ କାର୍ଯ୍ୟର ନାମ)

ପୂଜା (ଗୋଟିଏ କାର୍ଯ୍ୟର ନାମ)

ରୋଷେଇ (ଗୋଟିଏ କାର୍ଯ୍ୟର ନାମ)

ବିଶେଷ୍ୟ କହିଲେ ବ୍ୟକ୍ତି, ଜାତି, ବସ୍ତୁ, ଗୁଣ ବା କ୍ରିୟା - ଯେକୌଣସି ଗୋଟିଏ 'ନାମ' କୁ ବୁଝିବାକୁ ହେବ ।ଏହା ଏକ ନାମକୁ ଚିହ୍ନଟ କରୁଥିବା ଶବ୍ଦ ।

ବିଶେଷଣ ପଦ କାହାକୁ କହନ୍ତି ?

ଯେଉଁ ପଦ ଅନ୍ୟ ପଦର ଗୁଣ, ଅବସ୍ଥା, ସଂଖ୍ୟା ବା ପରିମାଣକୁ ବୁଝାଏ ତାକୁ ବିଶେଷଣ ପଦ କହନ୍ତି ।

ଉଦାହରଣ :

ବୁଢ଼ା ଲୋକ – (ବୁଢ଼ା' ଲୋକର ଅବସ୍ଥାକୁ ବୁଝାଏ)

ଭଲ କଥା - ('ଭଲ' କଥାର ଗୁଣକୁ ବୁଝାଏ)

ସୁନ୍ଦର ଫୁଲ - (ସୁଦର' ଫୁଲର ଗୁଣ ଓ ଅବସ୍ଥାକୁ ବୁଝାଏ)

ଗୁଣବାଚକ ବିଶେଷଣ, ଅବସ୍ଥାବାଚକ ବିଶେଷଣ

ସଂଖ୍ୟାବାଚକ ବିଶ୍ଲେଷଣ ଓ ପରିମାଣବାଚକ ବିଶେଷଣ ଯଥାକ୍ରମେ ବିଶେଷ୍ୟର ଗୁଣ, ଅବସ୍ଥା, ସଂଖ୍ୟା ବା ପରିମାଣକୁ ବୁଝାଏ

କ୍ରିୟା ବିଶେଷଣ କ୍ରିୟା କିପରି ଭାବରେ ହେଉଛି ବୁଝାଏ ।

ଯଥା :- ଦୀପଟି ମିଞ୍ଜି ମିଞ୍ଜି ଜଳୁଛି ।

ହାତୀ ଧୀରେ ଧୀରେ ଚାଲୁଛି ।

ତୁମେ ଚଞ୍ଚଳ ଆସ ।

ବ୍ୟବହାରର ସ୍ଥାନ ଅନୁଯାୟୀ ବିଶେଷଣ ପଦ ୨ ପ୍ରକାର ।

(୧) ବିଶେଷ୍ୟର ବିଶେଷଣ

(୨) ବିଧେୟ ବିଶେଷଣ

ବିଶେଷ୍ୟର ବିଶେଷଣ ବିଶେଷ୍ୟ ପଦ ପୂର୍ବରୁ ବସେ, କିନ୍ତୁ ବିଧେୟ ବିଶେଷଣ ବିଶେଷ୍ୟ ପଦର ପରେ ବସେ ।

ସର୍ବନାମ ପଦ କାହାକୁ କହନ୍ତି ?

ଯେଉଁ ପଦ ବିଶେଷ୍ୟ ବା ନାମ ବଦଳରେ ବ୍ୟବହୃତ ହୁଏ ତାକୁ ସର୍ବନାମ ପଦ କହନ୍ତି ।

ଉଦାହରଣ :- ଗୀତା ଗୋଟିଏ ବାଳିକା

© Copyright Reserved Only Digital Odisha & Odisha Sarkari Exam

ସେ ଭଲ ପଢ଼େ ।

ତା' ର ଭଉଣୀର ନାମ ସୀତା ।

ଉଭୟଙ୍କୁ ବାପାମାଆ ଭଲ ପାନ୍ତି ।

ସର୍ବନାମ ପଦ ବିଭିନ୍ନ ପ୍ରକାରର

(୧) ପୁରୁଷ ବାଚକ ସର୍ବନାମ -

୧ମ ପୁରୁଷ – ମୁଁ, ଆମେ, ଆନ୍ତେ, ଆମେମାନେ ।

୨ୟ ପୁରୁଷ – ତୁ, ତୁମେ, ତୁମେ, ତୁମେମାନେ, ଆପଣ, ଆପଣମାନେ

୩ୟ ପୁରୁଷ – ସେ ଓ ସେମାନେ (ପୁରୁଷ ସ୍ତ୍ରୀ ଉଭୟ)

(୨) ନିର୍ଦ୍ଦେଶ ବାଚକ ସର୍ବନାମ – ଏହି, ସେହି, ଏହା, ତାହା ।।

(ଏହି ସେହି ଆର୍ଯ୍ୟଭୂମି, ଏ ଭୂମିର ସୁତ),

(୩) ଅନିଶ୍ଚୟବାଚକ ସର୍ବନାମ -

କିଛି ଦିନ ତଳେ, କେହି ଆସିଥିଲେ ।

କିଛି କଥା ନାହିଁ, ରାଗୁଛ କାହିଁକି ?

(୪) ସମ୍ବନ୍ଧବାଚକ ବା ଆପେକ୍ଷିକ ସର୍ବନାମ –

ସେ, ଯାହାର, - ଯେତେ

(୫) ପ୍ରଶ୍ନବାଚକ ବିଶେଷଣ –

କ' ଣ, କିଏ, କେଉଁଠି

(୬) ଆତ୍ମବାଚକ ବିଶେଷଣ -

ନିଜେ, ଆପେ, ମୁଁ ନିଜେ ଦେଖୁଛି ।

ସେ ନିଜେ ଠିଆ ହୋଇଥିଲେ ।

କିଏ ତୁମେ ଚିହ୍ନିଛ କି ଆପଣାକୁ ଆପେ ?

ଅବ୍ୟୟ ପଦ :

© Copyright Reserved Only Digital Odisha & Odisha Sarkari Exam

ବିଶେଷ୍ୟ, ବିଶେଷଣ, ସର୍ବନାମ, କ୍ରିୟା ପ୍ରଭୃତି ପଦ । ଲିଗ, ବଚନ, ପୁରୁଷ, କାଳ, ବି ଭକ୍ତି ଭେଦରେ ରୂପରେ ପରିବର୍ତ୍ତିତ ହୁଏ ।

ଯଥା :- ବାଘ – ବାଘୁଣୀ (ସ୍ତ୍ରୀ ଲିଙ୍ଗରେ)

ବାଳକ – ବାଳକମାନେ (ବହୁବଚନରେ)

ସୁନ୍ଦର ବାଳକ – ସୁନ୍ଦରୀ ବାଳିକା

କ୍ରିୟାପଦ :

ବାକ୍ୟରେ ଯେଉଁ ପଦରୁ କୌଣସି କାର୍ଯ୍ୟହେବା ସୂଚିତ ହୁଏ, ତାକୁ କ୍ରିୟାପଦ କହନ୍ତି । ଉଦାହରଣ : ପିଲାଟି କ୍ଷୀର ପିଇଛି ।

ପିଲାମାନେ ମଧ୍ୟାହ୍ନ ଭୋଜନ ଖାଇଛନ୍ତି ।

ସରକାର ପିଲାମାନଙ୍କୁ ମାଗଣାରେ ପୋଷାକ ଦେଉଛନ୍ତି ।

ସମସ୍ତଙ୍କର ପାଠ ପଢ଼ିବାର ଅଧିକାର ଅଛି ।

ତୁମେ କେବେ ପାଠ ଶେଷ କରିବ ?

ସେ ଗାଁକୁ ଗଲା ।

କ୍ରିୟାର ଶ୍ରେଣୀ ବିଭାଗ

ସମାପିକା କ୍ରିୟା କାହାକୁ କହନ୍ତି ?

ଯେଉଁ କ୍ରିୟାର ପ୍ରୟୋଗଦ୍ୱାରା ବାକ୍ୟର ଅର୍ଥ ସଂପୂର୍ଣ୍ଣରୂପେ ' ପ୍ରକାଶପାଏ, ତାକୁ ସମାପିକା କ୍ରିୟା କହନ୍ତି ।

ମୁଁ ପରୀକ୍ଷାରେ ଭଲ କରିଛି ।

ତୁମେ ମନ ଦେଇ ବ୍ୟାକରଣ ପଢ଼ୁ ।

ଦ୍ୱିକର୍ମକ କ୍ରିୟା :

ଯେଉଁ ସକର୍ମକ କ୍ରିୟାର ୨ଟି କର୍ମ ଥାଏ ତାକୁ ଦ୍ୱିକର୍ମକ କ୍ରିୟା କହନ୍ତି ।

ମିଶ୍ର କ୍ରିୟା ଓ ଅମିଶ୍ର କ୍ରିୟା

ମିଶ୍ର କ୍ରିୟା : କ୍ରିୟାବାଚକ ବିଶେଷ୍ୟ ବା କ୍ରିୟାରୁ ଜାତ । ବିଶେଷଣ ପଦ ସହିତ କ୍ରିୟା ପଦ ମିଶି ଗୋଟିଏ କ୍ରିୟା ରୂପେ ବ୍ୟବହୃତ ହେଲେ ତାକୁ ମିଶ୍ର କ୍ରିୟା କହନ୍ତି ।

ଯୌଗିକ କ୍ରିୟା : ଦୁଇଟି କ୍ରିୟା ଏକାଠି ରହି ଗୋଟିଏ କ୍ରିୟା ହୋଇଥିଲେ ତାକୁ ଯୌଗିକ କ୍ରିୟା କହନ୍ତି । ଦୁଇଟି କ୍ରିୟା ମଧ୍ୟରୁ ପ୍ରଥମ କ୍ରିୟାଟି ଅସମାପିକା କ୍ରିୟା ରୂପରେ ରହେ ଓ ଏହାର ଅର୍ଥର ପ୍ରାଧାନ୍ୟ ରହେ । ଦ୍ୱିତୀୟ କ୍ରିୟାଟି ସମାପିକା କ୍ରିୟା

© Copyright Reserved Only Digital Odisha & Odisha Sarkari Exam

ହୋଇଥାଏ । ସମାପିକା କ୍ରିୟା ହୋଇଥିବାରୁ ଏହା କର୍ତ୍ତାର ଅନୁସାରିଣୀ ହୋଇଥାଏ । ଏଥିରେ ପୁରୁଷ, ବଚନ, କାଳ ସୂଚକ ପ୍ରତ୍ୟୟ ଧାତୁ ସହିତ ଲାଗେ ।

ଉଦାହରଣ : (i) ବହିଗୁଡ଼ିକ ନେଇଯାଅ

(ii) ତୁମେ ଆଗେ ଖାଇନିଅ

(iii) ଭିକାରୀକୁ ଭିକ୍ଷା ଦେଇଦିଅ ।

(iv) ମୁଁ ଟିକିଏ ଆଖି ପକାଇଦେଲି ।

ନାମଧାତୁ କ୍ରିୟା : ବିଶେଷ୍ୟ ବା ବିଶେଷଣ ପଦରୁ ଗଠିତ କ୍ରିୟାକୁ ନାମଧାତୁ କ୍ରିୟା କହନ୍ତି ।

ବିଶେଷ୍ୟ ପଦକୁ ଚିହ୍ନିବା କିପରି ?

ଧାତୁ କିମ୍ବା ଶବ୍ଦରେ ପ୍ରତ୍ୟୟ ଯୋଗକଲେ ଶବ୍ଦ ହୁଏ । ଶବ୍ଦକୁ ବାକ୍ୟରେ ବ୍ୟବହାର କଲେ ପଦ ହୁଏ । ଶବ୍ଦରୁ ଧାତୁ ଓ ପ୍ରତ୍ୟୟ ନିର୍ଣ୍ଣୟ କରିବାକୁ ହେବ ।

1. ଯେଉଁ ବିଶେଷ୍ୟ ପଦ କୌଣସି ନାମକୁ ବୁଝାଏ ତାକୁ କ'ଣ କହନ୍ତି ?

(A) ନାମ ବାଚକ ବିଶେଷ୍ୟ

(B) ବସ୍ତୁବାଚକ ବିଶେଷ୍ୟ

(C) ଜାତିବାଚକ ବିଶେଷ୍ୟ

(D) ଗୁଣବାଚକ ବିଶେଷ୍ୟ

ଉତ୍ତର- A

2. ସଂଜ୍ଞାର ବ୍ୟାକରଣିକ ଅର୍ଥ କ'ଣ ?

(A) ସୂର୍ଯ୍ୟଙ୍କର ସ୍ତ୍ରୀ '

(B) ବିଶ୍ୱକର୍ମାଙ୍କ କନ୍ୟା

(C) ସହର

(D) ନାମ

ଉତ୍ତର- D

3. ଗାଈ, ଘୋଡ଼ା, ମଣିଷ, ହିମାଳୟ – ଏ ଚାରୋଟି ଭିତରୁ କେଉଁଟି ଅଲଗା ?

(A) ଗାଈ

(B) ଘୋଡ଼ା

© Copyright Reserved Only Digital Odisha & Odisha Sarkari Exam

(C) ମଣିଷ

(D) ହିମାଳୟ

ଉତ୍ତର- D

4. ଘର, ଇଟା,ପଥର,ସିମେଣ୍ଟ – କେଉଁଟି ଭିନ୍ନଧରଣର ?

(A) ଘର

(B) ଇଟା

(C) ପଥର

(D) ସିମେଣ୍ଟ

ଉତ୍ତର- A

5. କେଉଁ ବିଶେଷ୍ୟ ପଦକୁ ଦେଖି ବା ଛୁଇଁ ହୁଏ ନାହିଁ, କେବଳ ତାକୁ ଅନୁଭବ କରିହୁଏ ?

(A) ନାମବାଚକ

(B) ଜାତିବାଚକ

(C) ଗୁଣବାଚକ

(D) ବସ୍ତୁବାଚକ

ଉତ୍ତର- C

6. ଯେଉଁ ପଦ ଅନ୍ୟପଦର ଗୁଣ, ଅବସ୍ଥା, ସଂଖ୍ୟା ବା ପରିମାଣକୁ ବୁଝାଏ ତାକୁ କ'ଣ କହନ୍ତି ?

(A) ବିଶେଷ୍ୟ

(B) ବିଶେଷଣ

(C) ସର୍ବନାମ

(D) ଅବ୍ୟୟ

ଉତ୍ତର- B

7. ଯେଉଁ ପଦ ବିଶେଷ୍ୟ ପଦର ପରିବର୍ତ୍ତେ ବ୍ୟବହୃତ ହୁଏ ତାକୁ କ'ଣ କହନ୍ତି ?

(A) ବିଶେଷ୍ୟ

(B) ବିଶେଷଣ

(C) ସର୍ବନାମ

© Copyright Reserved Only Digital Odisha & Odisha Sarkari Exam

(D) ଅବ୍ୟୟ

ଉତ୍ତର- C

8. ଯେଉଁ ପଦ ଲିଙ୍ଗ, ବଚନ, ପୁରୁଷ ବା ବିଭକ୍ତିରେ ପରିବର୍ତ୍ତନ ନ ହୋଇ ଅପରିବର୍ତ୍ତିତ ରହେ ତାକୁ କ'ଣ କହନ୍ତି ?

(A) ବିଶେଷ୍ୟ

(B) ବିଶେଷଣ

(C) ଅବ୍ୟୟ

(D) କ୍ରିୟା

ଉତ୍ତର- C

9. ଯେଉଁ ପଦ କୌଣସି କାର୍ଯ୍ୟର ନାମକୁ ବୁଝାଏ ତାକୁ କ' ଣ କହନ୍ତି ?

(A) ଗୁଣବାଚକ ବିଶେଷ୍ୟ

(B) ଜାତିବାଚକ ବିଶେଷ୍ୟ

(C) କ୍ରିୟା ବାଚକ ବିଶେଷ୍ୟ

(D) ନାମବାଚକ ବିଶେଷ୍ୟ

ଉତ୍ତର- C

10. ଭୋଜନ, ରନ୍ଧନ, ପଢୁଛି, ଶୟନ – ଏଥିରୁ କ୍ରିୟା ପଦଟି କିଏ ?

(A) ଭୋଜନ

(B) ରନ୍ଧନ

(C) ପଢୁଛି

(D) ଶୟନ

ଉତ୍ତର- C

11. ଯେଉଁ କ୍ରିୟାଦ୍ୱାରା ବାକ୍ୟର ସମାପ୍ତି ସୂଚିତ ହୁଏ ତାକୁ କ' ଣ କହନ୍ତି ?

(A) ସଂଯୁକ୍ତ କ୍ରିୟା

(B) ସମାପିକା କ୍ରିୟା

(C) ଅସମାପିକା କ୍ରିୟା

(D) ଯୌଗିକ କ୍ରିୟା

© Copyright Reserved Only Digital Odisha & Odisha Sarkari Exam

ଉତ୍ତର- B

12. ଯେଉଁ କ୍ରିୟାରୁ ବାକ୍ୟର ସମାପ୍ତି ବୁଝାଏ ନାହିଁ ତାକୁ କ'ଣ କହନ୍ତି ?

(A) ସମାପିକା କ୍ରିୟା

(B) ଅସମାପିକା କ୍ରିୟା ।

(C) ସଂଯୁକ୍ତ କ୍ରିୟା

(D) ସକର୍ମକ କ୍ରିୟା

ଉତ୍ତର- B

13. ବାକ୍ୟରେ ସର୍ବନିମ୍ନ ଦୁଇଟି ମୁଖ୍ୟ ଅଂଶ ଗୋଟିଏ କର୍ତ୍ତା ହେଲେ ଅନ୍ୟଟି କ' ଣ ?

(A) କର୍ମ

(B) କରଣ

(C) କ୍ରିୟା

(D) ସମାପିକା କ୍ରିୟା

ଉତ୍ତର- C

14. ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦର ପୂର୍ବରୁ ବ୍ୟବହୃତ ହୁଏ ତାକୁ କ'ଣ କହନ୍ତି ?

(A) ବିଶେଷ୍ୟର ବିଶେଷଣ

(B) ବିଧେୟ ବିଶେଷଣ

(C) ସାର୍ବନାମିକ ବିଶେଷଣ

(D) ବିଶେଷଣର ବିଶେଷଣ

ଉତ୍ତର- A

15. ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦର ପରେ ବ୍ୟବହୃତ ହୁଏ ତାକୁ କ'ଣ କହନ୍ତି ?

(A) ବିଶେଷଣର ବିଶେଷଣ

(B) ବିଧେୟ ବିଶେଷଣ

(C) ବିଶେଷ୍ୟର ବିଶେଷଣ

(D) ସାର୍ବନାମିକ ବିଶେଷଣ

ଉତ୍ତର- B

© Copyright Reserved Only Digital Odisha & Odisha Sarkari Exam

16. ଯେଉଁ କ୍ରିୟାର କର୍ମ ନଥାଏ ତାକୁ କି କ୍ରିୟା କହନ୍ତି ?

(A) ସକର୍ମକ କ୍ରିୟା

(B) ଅକର୍ମକ କ୍ରିୟା

(C) ଦ୍ୱିକର୍ମକ କ୍ରିୟା

(D) କର୍ମଯୁକ୍ତ କ୍ରିୟା

ଉତ୍ତର- B

17. ସେ ପଢିବ ରେଖାଙ୍କିତ ପଦରେ ଥିବା ଧାତୁଟି କିଏ ?

(A) ପଢ୍

(B) ପଠ

(C) ପଢ଼ିବ୍

(D) କେଉଁଟି ନୁହେଁ

ଉତ୍ତର- A

18. ସେ ଭାତ ଖାଇବ ରେଖାଙ୍କିତ ପଦଟି କେଉଁ କାଳର ?

(A) ବର୍ତ୍ତମାନ

(B) ଅତୀତ

(C) ଭବିଷ୍ୟତ

(D) କେଉଁଟି ନୁହେଁ

ଉତ୍ତର- C

19. ନିମ୍ନୋକ୍ତ କ୍ରିୟା ମଧ୍ୟରୁ ନାମଧାତୁ କ୍ରିୟାଟି କିଏ ?

(A) ବାଡ଼େଇବା

(B) ପଢ଼େଇବା

(C) ବଢ଼େଇବା

(D) ବଢ଼ିବା

ଉତ୍ତର- A

odishaସରକାରୀ ଏକ୍ସାମ digitalodishaedu.com ଆପଣଙ୍କ ସହିତ ସବୁବେଳେ

© Copyright Reserved Only Digital Odisha & Odisha Sarkari Exam

20. ପଣ୍ଡିତ ମହାଶୟ ଛାତ୍ରଙ୍କୁ ବ୍ୟାକରଣ ପଢ଼ାଉଛନ୍ତି - ରେଖାଙ୍କିତ ପଦଟି କି କର୍ମ ।

(A) ଗୌଣ କର୍ମ

(B) ମୁଖ୍ୟ କର୍ମ

(C) ଅନ୍ୟପକ୍ଷିତ କର୍ମ

(D) କେଉଁଟି ନୁହେଁ

ଉତ୍ତର- B

21. ଠିକ୍ ଶବ୍ଦ କେଉଁଟି ?

(A) ଧନି

(B) ଧନୀକ

(C) ଧନିକ

(D) ଧନମାନ୍

ଉତ୍ତର- C

22. ପଠନୀୟ ଶବ୍ଦ ଗଠନରେ କେଉଁଟି ଠିକ୍ ?

(A) ପଠ+ ନୀୟ

(B) ପଠନ + ଈୟ

(C) ପଢ୍ + ଅନୀୟ

(D) ପଠ + ଅନୀୟ

ଉତ୍ତର- C

23. କେଉଁଟି ଅନ୍ୟ ୩ଟିରୁ ଅଲଗା ?

(A) କାନ୍ଦିବା

(B) ଶୋଇବା

(C) ହସିବା

(D) ଖାଇବା

ଉତ୍ତର- D

24. ଏକ ବା ଏକାଧିକ ଅକ୍ଷର ମିଶି କୌଣସି ଅର୍ଥ ପ୍ରକାଶ କରୁଥିଲେ, ତାକୁ କ'ଣ କହନ୍ତି ?

© Copyright Reserved Only Digital Odisha & Odisha Sarkari Exam

(A) ପଦ

(B) ଶବ୍ଦ

(C) ବାକ୍ୟ

(D) ଧ୍ୱନି

ଉତ୍ତର- B

25. ଗୋଟିଏ ଉକ୍ତି ବା ବାକ୍ୟର ପ୍ରତ୍ୟେକ ଅଂଶକୁ କ'ଣ କହନ୍ତି?

(A) ପଦ

(B) ଶବ୍ଦ

(C) ବାକ୍ୟ

(D) ଧ୍ୱନି

ଉତ୍ତର- A

26. ଶବ୍ଦ ବାକ୍ୟରେ ବ୍ୟବହୃତ ହେଲେ ତାକୁ କ'ଣ କହନ୍ତି ?

(A) ବାକ୍ୟ

(B) ବାକ୍ୟାଂଶ

(C) ପଦ

(D) ପଦାନ୍ୱୟ

ଉତ୍ତର- C

27. ପଦ ପଦ ମଧ୍ୟରେ କେଉଁ ତତ୍ତ୍ୱ ରହିଲେ ବାକ୍ୟ ବୁଝି ହୁଏ ?

(A) ଅର୍ଥ ତତ୍ତ୍ୱ

(B) ଧ୍ୱନିତତ୍ତ୍ୱ

(C) ସମ୍ବନ୍ଧ ତତ୍ତ୍ୱ

(D) କେଉଁଟି ନୁହେଁ

ଉତ୍ତର- C

28. କୌଣସି ବିବୃତି, ପ୍ରଶ୍ନ, ବିସ୍ମୟ କିମ୍ବା ଅନୁଜ୍ଞା ଭାବକୁ ପ୍ରକାଶ କରି ସ୍ୱାଧୀନ ଭାବରେ ବ୍ୟବହୃତ ସଜୀକୃତ ଶବ୍ଦ ସମୁହକୁ କ' ଣ କହନ୍ତି ?

© Copyright Reserved Only Digital Odisha & Odisha Sarkari Exam

(A) ବାକ୍ୟ

(B) ଖଣ୍ଡବାକ୍ୟ

(C) ବାକ୍ୟାଂଶ

(D) କେଉଁଟି ନୁହେଁ

ଉତ୍ତର- A

29. ଯାହାଦ୍ଵାରା ମନର ଭାବ ସଂପୂର୍ଣ୍ଣ ରୂପେ ପ୍ରକାଶିତ ହୁଏ, ତାକୁ କ'ଣ କହନ୍ତି ?

(A) ପଦ

(B) ଶବ୍ଦ

(C) ବାକ୍ୟାଂଶ

(D) ବାକ୍ୟ

ଉତ୍ତର- D

30. ଗୋଟିଏ ଶବ୍ଦ ମନରେ ଚିନ୍ତାକଲେ କିମ୍ଵା କଳନା କଲେ କିମ୍ଵା ପ୍ରକାଶ କଲେ ମନରେ କେଉଁ ଚିତ୍ର ଅଙ୍କିତ ହୁଏ ?

(A) ଅର୍ଥ ସମ୍ବନ୍ଧିତ ଚିତ୍ର

(B) ରଙ୍ଗୀନ ଚିତ୍ର

(C) ଅନୁରୂପ ଚିତ୍ର

(D) ରେଖାଚିତ୍ର

ଉତ୍ତର- A

31. ଗୋଟିଏ ବାକ୍ୟ ବା ଉକ୍ତିର ପ୍ରତ୍ୟେକ ଅଂଶକୁ କ'ଣ କୁହାଯାଏ ?

(A) ବାକ୍ୟ

(B) ଶବ୍ଦ

(C) ପଦ

(D) ପଦ୍ୟାଂଶ

ଉତ୍ତର- C

32. ବାକ୍ୟ ବା ଉକ୍ତି ର ବ୍ୟାକରଣିକ ବି ଭାଗକୁ କ'ଣ କୁହାଯାଏ ?

(A) ପଦାନ୍ୱୟ

© Copyright Reserved Only Digital Odisha & Odisha Sarkari Exam

(B) ପଦପ୍ରକରଣ

(C) ବାକ୍ୟ ସଂଯୋଜକ

(D) ବାକ୍ୟ ବିନ୍ୟାସ

ଉତ୍ତର- B

33. ଯେଉଁ ପଦ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି, ଜାତି, ବସ୍ତୁ, ଗୁଣ ବା କ୍ରିୟାର ନାମକୁ ବୁଝାଏ ତାକୁ କ'ଣ କହନ୍ତି ?

(A) ବସ୍ତୁ

(B) ବ୍ୟକ୍ତି

(C) ବିଶେଷ୍ୟ

(D) ବିଶେଷଣ

ଉତ୍ତର- C

1. ପଦ ଦୃଷ୍ଟିରୁ କେଉଁ ଗୋଟିକ ଭିନ୍ନ ଜାତୀୟ ?

(A) ତୁମେ

(B) ଏବଂ

(C) ସେମାନେ

(D) ମୁଁ

ଉତ୍ତର- B

2. କେଉଁଟି ବିଶେଷଣ ପ୍ରଦ ?

(A) ପରମ

(B) ଧରମ

(C) କରମ

(D) ସରମ

ଉତ୍ତର- A

3. କେଉଁଟି ବିଶେଷଣ ପଦ ନୁହେଁ ?

(A) ଉରମ

(B) ସନ୍ତୋଷ

© Copyright Reserved Only Digital Odisha & Odisha Sarkari Exam

(C) ପରମାର୍ଥୀ

(D) ଶୁରଙ୍କର

ଉତ୍ତର- B

4. ସେ ଅତ୍ୟନ୍ତ ଚତୁରତାର ସହିତ କାର୍ଯ୍ୟ ସଂପାଦନ କଲେ । ଏହି ବାକ୍ୟରେ କେତୋଟି ବିଶେଷ୍ୟ ପଦ ଅଛି ?

(A) ଏକ

(B) ଦୁଇ

(C) ତିନି

(D) ଚାରି

ଉତ୍ତର- C

5. ତାଙ୍କ ବିନା ମୁଁ ଏହା କରିପାରିବି ନାହିଁ । - ଏହି ବାକ୍ୟରେ 'ବିନା' କି ପଦ ?

(A) ବିଶେଷ୍ୟ

(B) ବିଶେଷଣ

(C) ଅବ୍ୟୟ

(D) ସର୍ବନାମ

ଉତ୍ତର- C

6. ଶୋଇଲା ପୁଅର ଭାଗ ନାହିଁ । ଏହି ବାକ୍ୟରେ ଶୋଇଲା କି ପଦ ?

(A) ବିଶେଷ୍ୟ

(B) ବିଶେଷଣ

(C) କ୍ରିୟା

(D) ଅବ୍ୟୟ

ଉତ୍ତର- B

7. କେଉଁଟି ଭିନ୍ନ ଜାତୀୟ ଶବ୍ଦ ?

(A) ପରିବର୍ତ୍ତନ

(B) ଆକ୍ରମଣ

(C) ନାମକୀର୍ତ୍ତନ

© Copyright Reserved Only Digital Odisha & Odisha Sarkari Exam

(D) ସମ୍ବର୍ଦ୍ଧନା

ଉତ୍ତର- C

8. ଭିନ୍ନ ଜାତୀୟ ଶବ୍ଦଟିକୁ ବାଛି । . .

(A) ସୁନା

(B) ରୁପା

(C) ଗଙ୍ଗା

(D) ମାଟି

ଉତ୍ତର- C

9. ଭିନ୍ନ ଜାତୀୟ ଶବ୍ଦଟିକୁ ବାଛ ।

(A) ପାହାଡ଼

(B) ପର୍ବତ

(C) ମେଘାସନ

(D) ଅଟବୀ

ଉତ୍ତର- C

10. ଭିନ୍ନ ଜାତୀୟ ଶବ୍ଦଟିକୁ ବାଛ ।

(A) ପଣ୍ଡିତ

(B) ପାଣ୍ଡିତ୍ୟ

(C) ଧୈର୍ଯ୍ୟ

(D) ଦୟା

ଉତ୍ତର- A

11. ଭିନ୍ନ ଜାତୀୟ ଶବ୍ଦଟି ବାଛ ।

(A) ଆସନ

(B) ଭୋଜନ

(C) ପ୍ରକ୍ଷାଳନ

(D) ଶୟନ

© Copyright Reserved Only Digital Odisha & Odisha Sarkari Exam

ଉତ୍ତର- A

12. ଭିନ୍ନ ଜାତୀୟ ଶବ୍ଦଟି ବାଛ ।

(A) ଗଙ୍ଗା

(B) ହିମାଳୟ

(C) ପର୍ବତ

(D) ଆଗତ

ଉତ୍ତର- D

13. ନିମ୍ନରେ କେତୋଟି ବିଶେଷ୍ୟ ପଦ ଅଛି ?

ପ୍ରସନ୍ନ, ଭୋଜନ, ଗମନ, ମିଛୁଆ, ନଦୀ

(A) ଗୋଟିଏ

(B) ୪ଟି

(C) ୩ଟି

(D) ୨ଟି

ଉତ୍ତର- C

14. ନିମ୍ନ ବାକ୍ୟରୁ ବିଶେଷ୍ୟ ପଦଟି ଚିହ୍ନାଅ । ଦଶଟି ପାଚିଲା ଆମ୍ବ ଥିଲା ।

(A) ଦଶଟି

(B) ପାଚିଲା

(C) ଆମ୍ବ

(D) ଥିଲା

ଉତ୍ତର- C

15. ନିମ୍ନରୁ କେଉଁଟି ବିଶେଷ୍ୟ ପଦ ନୁହେଁ ?

(A) ମୁଣ୍ଡ

(B) ତୁଣ୍ଡ ,

(C) ରୁଣ୍ଡ

(D) କାଣ୍ଡ 1

digitalodishaedu.com

© Copyright Reserved Only Digital Odisha & Odisha Sarkari Exam

ଉତ୍ତର- C

16. ନିମ୍ନରୁ କେଉଁଟି ବିଶେଷ୍ୟ ପଦ ନୁହେଁ ? ;

(A) ମହତ୍ତ୍ୱ

(B) ନେତୃତ୍ୱ

(C) ସାଧୁତା

(D) ସତ୍ୟବାଦୀ

ଉତ୍ତର- D

17. କାବେରୀ ନଦୀକୁ ଦକ୍ଷିଣ ଭାରତର ଗଙ୍ଗା କହନ୍ତି । ଏଠାରେ ଗଙ୍ଗା କେଉଁ ଜାତୀୟ ବିଶେଷ୍ୟ ପଦ ?

(A) ବ୍ୟକ୍ତିବାଚକ

(B) ଜାତିବାଚକ

(C) ବସ୍ତୁବାଚକ

(D) ସଂଜ୍ଞାବାଚକ

ଉତ୍ତର- B

18. ମାଟିନ୍ ଲୁଥର ଥିଲେ ଆମେରିକାର ଗାନ୍ଧି । ଏଠାରେ ଗାନ୍ଧି କେଉଁ ଜାତୀୟ ବିଶେଷ୍ୟ ପଦ ?

(A) ଜାତିବାଚକ

(B) ବସ୍ତୁବାଚକ

(C) ଗୁଣବାଚକ

(D) ବ୍ୟକ୍ତିବାଚକ

ଉତ୍ତର- A

19. ତାଙ୍କର --------------- ଦେଖି ମୁଁ ଖୁସି ହେଲି ।ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(A) ସରଳିଆ

(B) ସାରଲ୍ୟତା

(C) ସରଳୀ

(D) ସରଳତା

ଉତ୍ତର- D

© Copyright Reserved Only Digital Odisha & Odisha Sarkari Exam

20. ବିଶେଷ୍ୟ ପଦ ଆଗେ ରହି ବିଶେଷଣ ପଦ ପଛରେ ରହିଲେ କେଉଁ ବିଶେଷଣ ହୁଏ ?

(A) ବିଶେଷ୍ୟର ବିଶେଷଣ

(B) ବିଶେଷଣର ବିଶେଷଣ

(C) ବିଧେୟ ବିଶେଷଣ

(D) ସର୍ବନାମର ବିଶେଷଣ

ଉତ୍ତର- C

21. ତଳ ବାକ୍ୟରେ ଥିବା ପଦଗୁଡ଼ିକ ମଧ୍ୟରୁ କେଉଁଟି ବିଶେଷଣର କାମ କରୁଛି ?

ବାବୁ ସୁନା ମୁଦି ପିନ୍ଧିଛନ୍ତି ।

(A) ବାବୁ

(B) ସୁନା

(C) ମୁଦି

(D) ପିନ୍ଧିଛନ୍ତି

ଉତ୍ତର- B

22. ନିମ୍ନରେ କେତୋଟି ବିଶେଷଣ ପଦ ଅଛି ?

ଦୟା, କ୍ଷମା, ଦଦରା, ଧୈର୍ଯ୍ୟ, କନିଷ୍ଠ, କଠିନ

(A) ସବୁଗୁଡ଼ିକ

(B) ୫ଟି

(C) ୩ଟି

(D) ୪ଟି

ଉତ୍ତର- C

23. 'କନିଷ୍ଠ' ବିଶେଷଣ ପଦର ମୂଳରୂପଟି କ' ଣ ?

(A) କୁନି

(B) ଯୁବା

(C) ସାନ

(D) କ୍ଷୁଦ୍ର

© Copyright Reserved Only Digital Odisha & Odisha Sarkari Exam

ଉତ୍ତର- B

24. 'ବୃଦ୍ଧ' ଶବ୍ଦରେ 'ଇ' ଯୁକ୍ତ ହେଲେ ନୂତନ ଶବ୍ଦଟି କ' ଣ ହେବ ?

(A) ବର୍ଦ୍ଧିଷ୍ଣୁ

(B) ବାର୍ଦ୍ଧକ୍ୟ

(C) ଜ୍ୟେଷ୍ଠ

(D) ମହିଷ୍ଠ

ଉତ୍ତର- C

25. ନିମ୍ନ ବାରୁ ବିଶେଷଣ ପଦଟି ଚିହ୍ନାଅ ।

ଖାଇବାର ପୁତ୍ର ଗଲା ମଥୁରାପୁରକୁ ।

(A) ଖାଇବାର

(B) ପୁତ୍ର

(C) ଗଲା

(D) ମଥୁରାପୁରକୁ

ଉତ୍ତର- A

26. ଭିନ୍ନ ଜାତୀୟ ଶବ୍ଦଟି ବାଛ ।

(A) ଦଶ

(B) ଷୋଡ଼ଶ

(C) ସପ୍ତଦଶ

(D) ଅଷ୍ଟାଦଶ

ଉତ୍ତର- A

27. କେଉଁଟି ସମଶ୍ରେଣୀୟ ନୁହେଁ ?

(A) ବାସିପଖାଳ

(B) ସହଦହି

(C) କଞ୍ଚାଲଙ୍କା

(D) ମେଲୁଣ

© Copyright Reserved Only Digital Odisha & Odisha Sarkari Exam

ଉତ୍ତର- D

28. କେଉଁଟି ସମଶ୍ରେଣୀୟ ନୁହେଁ ?

(A) ତୃଣବାଳକ

(B) ଖାଇଲା ପୁଅ

(C) ବୁଢ଼ାଲୋକ

(D) ଅନ୍ଧ ମଣିଷ

ଉତ୍ତର- B

29. ଯେମନ୍ତ ଉପାୟ କହିଲେ ଗୁରୁ, ତେମନ୍ତ ବିଧାନେ ହୋଇଲା ତରୁ ।

ଏଠାରେ "ଯେମନ୍ତ' କି ପଦ ?

(A) ବିଶେଷ୍ୟ

(B) ବିଶେଷଣ

(C) ସର୍ବନାମ

(D) ଅବ୍ୟୟ

ଉତ୍ତର- B

30. ଜଣାଶୁଣା ବ୍ୟକ୍ତିଙ୍କୁ କିଛି କହି ହୁଏ ନାହିଁ । ଏଠାରେ 'ଜଣାଶୁଣା' କି ପଦ ?

(A) କ୍ରିୟା

(B) ବିଶେଷଣ

(C) ସର୍ବନାମ

(D) ବିଶେଷ୍ୟ

ଉତ୍ତର- B

31. ନିମ୍ନରୁ ବିଶେଷଣ ପଦଟି ଚିହ୍ନଅ ।

(A) ଭଦ୍ରାମି

(B) କୈଶୋର

(C) ଧୀର

(D) ବାର୍ଦ୍ଧକ୍ୟ

ଓଡ଼ିଶା ସରକାରୀ ଏକ୍ସାମ digitalodishaedu.com ଆପଣଙ୍କ ସହିତ ସବୁବେଳେ

© Copyright Reserved Only Digital Odisha & Odisha Sarkari Exam

ଉତ୍ତର- C

32. ନିମ୍ନରେ କେଉଁଟି ବିଶେଷଣ ପଦ ନୁହେଁ ?

(A) ମଧୁର

(B) ସୌନ୍ଦର୍ଯ୍ୟ

(C) ସ୍ଥାୟୀ

(D) ଉପଯୋଗୀ

ଉତ୍ତର- B

33. କେଉଁଟି ବିଶେଷଣ ପଦ ନୁହେଁ ?

(A) ପାଦ୍ୟ

(B) ଦାମ୍ପତ୍ୟ

(C) ଔଦ୍ଧତ୍ୟ

(D) ମୁଖ୍ୟ

ଉତ୍ତର- C

34. "ବଚନ' - ର ବିଶେଷଣ ରୂପଟି କ' ଣ ହେବ ?

(A) ବଚିତ

(B) ବଚନିକ

(C) ଉକ୍ତ

(D) ବଚତ

ଉତ୍ତର- C

35. ' 'ଅନୁରାଗ' -ର ବିଶେଷଣ ରୂପଟି କ' ଣ ?

(A) ଅନୁରାଗିଣୀ

(B) ଅନୁରଞ୍ଜିତ

(C) ଅନୁରଙ୍ଗ

(D) ଅନୁରକ୍ତ

ଉତ୍ତର- D

© Copyright Reserved Only Digital Odisha & Odisha Sarkari Exam

36. ଅବସାଦର ବିଶେଷଣ ରୂପଟି କ'ଣ ହେବ ?

(A) ଅବସାପ୍ତ

(B) ଅବସ୍ୱାଦ

(C) ଅବସନ୍ନ

(D) ବିଷ

ଉତ୍ତର- C

37. କ୍ଷୁବ୍ଧର ବିଶେଷ୍ୟ ରୂପଟି କ' ଣ ହେବ ?

(A) କ୍ଷୁଧା

(B) କ୍ଷୋଭ

(C) କ୍ଷୁର

(D) ଖୁଣ

ଉତ୍ତର- B

38. ନିମ୍ନରୁ ଭିନ୍ନ ଜାତୀୟ ଶବ୍ଦଟି ବାଛ

(A) ମୁଁ

(B) ତୁ

(C) ତୁମେ

(D) ଆପଣ

ଉତ୍ତର- A

39. ନିମ୍ନ ବାକ୍ୟରେ ରେଖାଙ୍କିତ ପଦଟି କେଉଁ ପ୍ରକାର ସର୍ବନାମ ?

ମୁଁ ତାଙ୍କ ବିଷୟରେ ସବୁ ଜାଣେ

(A) ନିର୍ଣ୍ଣାୟକ ସର୍ବନାମ

(B) ନିର୍ଦ୍ଦେଶାତ୍ମକ ସର୍ବନାମ

(C) ସମ୍ବନ୍ଧ ସୂଚକ ସର୍ବନାମ

(D) ଆତ୍ମସୂଚକ ସର୍ବନାମ

ଉତ୍ତର- A

digitalodishaedu.com

© Copyright Reserved Only Digital Odisha & Odisha Sarkari Exam

40. ନ ଦେଖୁଲା ଓଢ ଛ'ଫଡ଼ା ।

ଏ ବାକ୍ୟରୁ ଅବ୍ୟୟ ପଦଟି ଚିହ୍ନାଅ

(A) ନ

(B) ନ ଦେଖୁ

(C) ଛ'ଫଡ଼ା

(D) ଦେଖୁଲା

ଉତ୍ତର- A

41. ଉକ୍ତ ବାକ୍ୟରେ ଥିବା ରେଖାଙ୍କିତ ପଦଟି କେଉଁ ପ୍ରକାର, ଅବ୍ୟୟ ?

ବାତ୍ୟା ପୂର୍ବରୁ ହଠାତ୍ ଆକାଶ ଲାଲ ହୋଇଗଲା ।

(A) କାଳବୋଧକ

(B) ସମ୍ଭାବନା ସୂଚକ

(C) ବିକଳ୍ପାର୍ଥକ

(D) ଭାବସୂଚକ"

ଉତ୍ତର- A

42. ଯେତିକି ମାଠିବୁ ମାଠ, ମୁଁ ସେହି ଦରପୋଡ଼ା କାଠ ।

ରେଖାଙ୍କିତ ପଦଟି କେଉଁ ପ୍ରକାର ଅବ୍ୟୟ ?

(A) ସମ୍ଭାବନା ସୂଚକ

(B) ନିଷେଧାର୍ଥକୁ

(C) ପରିମାଣ ସୂଚକ

(D) ବିକଳାର୍ଥକ

ଉତ୍ତର- C

43. ମାଆ ପରି ମୋର କିଏସେ ହେବ ? ରେଖାଙ୍କିତ ପଦଟି କେଉଁ ପ୍ରକାର ଅବ୍ୟୟ ?

(A) ସମ୍ମତିସୂଚକ

(B) ଭାବବାଚକ

(C) ହେତୁବୋଧକ

© Copyright Reserved Only Digital Odisha & Odisha Sarkari Exam

(D) ସାଦୃଶ୍ୟବାଚକ

ଉତ୍ତର- D

44. କହି ଲେ କୁଳ କୁଟୁମ୍ବକୁ ଲାଜ, ନ କହି ଲେ କୁଳ ଭାସିଯାଉଛି ।

ରେଖାଙ୍କିତ ପଦଟି କେଉଁ ପ୍ରକାର ଅବ୍ୟୟ ?

(A) ସମ୍ଭାବନା ସୂଚକ

(B) ନିଷେଧାର୍ଥକ

(C) ବିକଳାର୍ଥକ

(D) ନିଶ୍ଚୟ ବୋଧକ

ଉତ୍ତର- B

45. ନିମ୍ନରେ କେଉଁଟି ହେତୁ ବୋଧକ ଅବ୍ୟୟ ?

(A) ଆହେ ...

(B) ସୁତରା

(C) ପ୍ରାୟ

(D) ନା

ଉତ୍ତର- B

46. 'ଜାଣିବା' କ୍ରିୟାପଦର ମୂଳ ସଂସ୍କୃତ ଧାତୁରୂପଟି କ'ଣ ?

(A) ଜାଣ

(B) ଜ୍ଞା

(C) ଜିଜ୍ଞାସା

(D) ଜି

ଉତ୍ତର- B

47. "ପିଲେଇବା' ନାମଧାତୁର ମୂଳରୂପଟି କ'ଣ ?

(A) ପିଲ

(B) ପିଲା

(C) ପିଲି

© Copyright Reserved Only Digital Odisha & Odisha Sarkari Exam

(D) ପେଲିବା

ଉତ୍ତର- A

48. ଗଢ଼ ଧାତୁର ପ୍ରୟୋଜକ ଧାତୁ ରୂପଟି କ' ଣ ?

(A) ଗଢ଼ିବା

(B) ଗଢ଼ା

(C) ଗଢ଼େଇବା

(D) ଗଢ଼ିଲା

ଉତ୍ତର- B

49. ନିମ୍ନ ଉଦାହରଣରେ କେତୋଟି ଅକର୍ମକ କ୍ରିୟା ଅଛି ।

ମାରିବା, ପଢ଼ିବା, ଉଡ଼ିବା, ହସିବା, ମରିବା -

(A) ୨ଟି

(B) ୫ଟି

(C) ୪ଟି

(D) ୩ଟି

ଉତ୍ତର- D

50. ମୁଁ ପଢଅଛି । -- ରେଖାଙ୍କିତ ଶବ୍ଦପୁଞ୍ଜ କେଉଁ କ୍ରିୟାର ଅନ୍ତର୍ଗତ ?

(A) ସକର୍ମକ

(B) ଅକର୍ମକ

(C) ଦ୍ୱିକର୍ମକ

(D) ସନ୍ଦେହାତ୍ମକ

ଉତ୍ତର- A

51. ଦେବା, ପଚାରିବା, ହାଣିବା, ମାଗିବା । ଏହା ମଧ୍ୟରୁ କେତୋଟି ଦୁଇଟି କର୍ମ ଗ୍ରହଣ କରିପାରିବେ ?

(A) ଗୋଟିଏ

(B) ୨ଟି

(C) ୩ଟି

© Copyright Reserved Only Digital Odisha & Odisha Sarkari Exam

(D) ୪ଟି

ଉତ୍ତର- C

52. ଖାଇଦେଲେ, ଭୋଜନ କଲେ, ଧରି ଆଣିଲେ, ଟେକିନିଆ ଶୟନ କଲେ ,

ଏହା ଭିତରେ କେତୋଟି ଯୌଗିକ କ୍ରିୟା ଅଛି ?

(A) ୩ଟି

(B) ଗୋଟିଏ

(C) ୪ଟି

(D) ସବୁଗୁଡ଼ିକ

ଉତ୍ତର- A

53. ଓଡ଼ିଆ ଭାଷାରେ ଗଛ ଶବ୍ଦଟି କେଉଁ ଲିଙ୍ଗର ଅନ୍ତର୍ଭୁକ୍ତ ।

(A) ପୁଲିଙ୍ଗ

(B) ସ୍ତ୍ରୀଲିଙ୍ଗ

(C) କ୍ଲୀବଲିଙ୍ଗ

(D) କୌଣସିଟି ନୁହେଁ

ଉତ୍ତର- C

54. ନିମ୍ନ ଉଦାହରଣରୁ କେଉଁଟି ବିଦ୍ୟାବତୀ' ର ବିପରୀତ ଲିଙ୍ଗ ?

(A) ବିଦୁଷ

(B) ବିଦ୍ୟାଧର

(C) ବିଦ୍ୟାବାନ୍

(D) ବିଦ୍ୱାନ

ଉତ୍ତର- C

55. ନିମ୍ନ ଉଦାହରଣରୁ ଶିକ୍ଷକ' ର ଉପଯୁକ୍ତ ସ୍ତ୍ରୀଲିଙ୍ଗ ଶବ୍ଦଟି ବାଛ

(A) ଶିକ୍ଷୟତ୍ରୀ

(B) ଶିକ୍ଷୟିତ୍ରି

(C) ଶିକ୍ଷୟିତ୍ରୀ

© Copyright Reserved Only Digital Odisha & Odisha Sarkari Exam

(D) ଶିକ୍ଷୟିତ୍ରି

ଉତ୍ତର- C

56. ଭିନ୍ନ ଜାତୀୟ ଶବ୍ଦଟି ଚିହ୍ନାଅ ।

(A) ଦେବୀ

(B) ମାନବୀ

(C) ମାୟାବୀ

(D) ଦାନବୀ

ଉତ୍ତର- C

57. ମନୁଷ୍ୟ ମରଣଶୀଳ । ଏଠାରେ ମନୁଷ୍ୟ କେଉଁ ବଚନ ?

(A) ଏକବଚନ

(B) ଦ୍ୱିବଚନ

(C) ବହୁବଚନ

(D) କୌଣସିଟି ନୁହେଁ

ଉତ୍ତର- C

58. କେଉଁ ଗୋଟିକ ବିଶେଷ୍ୟ ପଦ ?

(A) ମଗନ

(B) ଇଗନ

(C) ଭଜନ

(D) ଚେତନ

ଉତ୍ତର- C

59. କେଉଁଟି ବିଶେଷଣ ପଦ ?

(A) ଆଗମନ

(B) ବିଭାଜନ

(C) ଅଚେତନ

(D) ପ୍ରସ୍ଥାନ

© Copyright Reserved Only Digital Odisha & Odisha Sarkari Exam

ଉତ୍ତର- C

60. କେଉଁଟି ଅବ୍ୟୟ ପଦ ?

(A) ତାରା

(B) ପସରା

(C) ପରା

(D) କାରା

ଉତ୍ତର- C

61. ନିମ୍ନୋକ୍ତ ମଧ୍ୟରୁ ଭିନ୍ନ ଜାତୀୟ ଶବ୍ଦଟି ବାଛି ।

(A) ନଦୀ

(B) କୂଅ

(C) ପୁଷ୍କରିଣୀ'

(D) ସାଗର

ଉତ୍ତର- B

62. ନିମ୍ନୋକ୍ତ ମଧ୍ୟରୁ କେଉଁଟି ତଦ୍ଭବ ଶବ୍ଦ ନୁହେଁ ?

(A) ଆଇ

(B) ନଈ

(C) ଜାମାତା

(D) ବୋଇତ

ଉତ୍ତର- C

63. କେଉଁଟି ବୈଦେଶିକ ଶବ୍ଦ ନୁହେଁ ?

(A) ଅଇନା

(B) ଅଙ୍ଗୁର

(C) ଆଚାର

(D) ଆରିସା

ଉତ୍ତର- D

© Copyright Reserved Only Digital Odisha & Odisha Sarkari Exam

64. କେଉଁଟି ଇଂରାଜୀ ଶବ୍ଦ ନୁହେଁ ?

(A) ଲାଇନ

(B) ମେସିନ

(C) ଡ୍ରାମା

(D) ପେସ୍କାର

ଉତ୍ତର- D

65. ନିମ୍ନରୁ ଭିନ୍ନ ଜାତୀୟ ଶବ୍ଦଟି ବାଛି

(A) ପତ୍ର

(B) ଚାନ୍ଦ

(C) ଖଇର

(D) ଦବା

ଉତ୍ତର- A

66. ନିମ୍ନରୁ କେଉଁଟି ସମଶ୍ରେଣୀୟ ନୁହେଁ ?

(A) ଭ୍ରାତା

(B) ସ୍ୱାମୀ

(C) ବାପା

(D) ପୁତ୍ର

ଉତ୍ତର- C

67. ନିମ୍ନରୁ କେଉଁଟି ସମଶ୍ରେଣୀୟ ନୁହେଁ ?

(A) ଗାଈ

(B) ବାଛୁରୀ

(C) ଦୁଷ୍ଟ

(D) ଘିଅ

ଉତ୍ତର- C

ଓଡ଼ିଶା ସରକାରୀ ଏକ୍ସାମ
digitalodishaedu.com
ଆପଣଙ୍କ ସହିତ ସବୁବେଳେ

© Copyright Reserved Only Digital Odisha & Odisha Sarkari Exam

ତଦ୍ଧିତ
(Tadhita Sabda)

ଶବ୍ଦର ପରେ ପ୍ରତ୍ୟୟ ଯୋଗ କରାଯାଇ ନୂତନ ଶବ୍ଦ ସୃଷ୍ଟି କରାଗଲେ ତାହାକୁ ତଦ୍ଧିତ କୁହାଯାଏ । ଏଠାରେ କୃଦନ୍ତ ଓ ତଦ୍ଧିତ ମଧ୍ୟରେ ଥିବା ପାର୍ଥକ୍ୟ ଲକ୍ଷ୍ୟ କରିବା ଉଚିତ । କ୍ରିୟା ବା ଧାତୁ ପରେ ପ୍ରତ୍ୟୟ ଯୋଗ କରାଗଲେ କୃଦନ୍ତ ହେଉଥିବା ବେଳେ ଶବ୍ଦର ପରେ ପ୍ରତ୍ୟୟ ଯୋଗ କଲେ ତଦ୍ଧିତ ହୁଏ । ନିମ୍ନରେ କିଛି ଉଦାହରଣ ଦିଆଯାଇଛି -

ଆତି-	**ବୃତ୍ତି ଅର୍ଥରେ-**	**ଓକିଲ (okila) + ଆତି (ati) = ଓକିଲାତି (okilati)**
ଆନି-	ଭାବ/କର୍ମ ଅର୍ଥରେ-	ବାବୁ (babu) + ଆନି (ani) = ବାବୁଆନି (babuani)
		ସାହେବ (saheb) + ଆନି (ani) = ସାହେବାନି (sahebni)
ଆମି-	ସ୍ୱଭାବ ଅର୍ଥରେ-	ମୂର୍ଖ (murkha) + ଆମି (ami) = ମୂର୍ଖାମି (murkhami)
		ଠକ (thaka) + ଆମି (ami) = ଠକାମି (thakami)
		ଦୁଷ୍ଟ (dusta) + ଆମି (ami) = ଦୁଷ୍ଟାମି (dustami)
		ପାଗଳ (pagala) + ଆମି (ami) = ପାଗଳାମି (pagalami)
ଆରି-	ବ୍ୟବସାୟ ଅର୍ଥରେ-	କଂସା (kansa) + ଆରି (ari) = କଂସାରି (kansaari)
		ଭିକ (bhika) + ଆରି (ari) = ଭିକାରି (bhikaari)
		ଶଙ୍ଖା (sankha) + ଆରି (ari) = ଶଙ୍ଖାରି (sankhaari)
		ସୁନା (suna) + ଆରି (ari) = ସୁନାରି (sunaari)
ଆଳ-	ଅଭ୍ୟାସ ବା ଦକ୍ଷତା ଅର୍ଥରେ-	ବଇଁଶୀ (bainsi) + ଆଳ (ala) = ବଇଁଶିଆଳ (bainsiala)
	ଅଛି ଅର୍ଥରେ-	ଗଣ୍ଠି (ganthi) + ଆଳ (ala) = ଗଣ୍ଠିଆଳ (ganthiala)
	ବୃତ୍ତି ଅର୍ଥରେ-	ଗାଈ (gai) + ଆଳ (ala) = ଗାଈଆଳ (gaiala)
		ଛେଳି (cheli) + ଆଳ (ala) = ଛେଳିଆଳ (cheliala)
		ପାଇଟି (paiti) + ଆଳ (ala) = ପାଇଟିଆଳ (paitiala)
		ମଇଁଷି (mainsi) + ଆଳ (ala) = ମଇଁଶିଆଳ (mainsiala)
ଆଳି-	ଅଭ୍ୟାସ ବା ଦକ୍ଷତା ଅର୍ଥରେ-	ଖେଳ (khela) + ଆଳି (ali) = ଖେଳାଳି (khelaali)
		ଚଢ଼ା (chadha) + ଆଳି (ali) = ଚଢ଼ାଳି (chadhaali)
		ପହଁରା (pahanra) + ଆଳି (ali) = ପହଁରାଳି (pahanraali)
	ଜାତି ଅର୍ଥରେ-	ବଇତ (baita) + ଆଳି (ali) = ବଇତାଳି (baitaali)
	ବୃତ୍ତି ଅର୍ଥରେ-	ଛପର (chapara) + ଆଳି (ali) = ଛପରାଳି (chaparaali)
		ଧାନକଟା (dhanakata) + ଆଳି (ali) = ଧାନକଟାଳି (dhanakataali)
	ସମୂହ ଅର୍ଥରେ-	ଦୀପ (dipa) + ଆଳି (ali) = ଦୀପାଳି (dipaali)
	ସମ୍ବନ୍ଧାର୍ଥରେ-	ଭାଇ (bhai) + ଆଳି (ali) = ଭାଇଆଳି (bhaiali)
ଇ-	ଘଟୁଥିବ ଅର୍ଥରେ-	ଚଉଠ (chautha) + ଇ (e) = ଚଉଠି (chauthi)
	ଛୋଟ ଅର୍ଥରେ-	କାଠ (katha) + ଇ (e) = କାଠି (kathi)

© Copyright Reserved Only Digital Odisha & Odisha Sarkari Exam

		ଚକ (chaka) + ଇ (e) = ଚକି (chaki)
	ଜାତି ଅର୍ଥରେ-	କଟକ (kataka) + ଇ (e) = କଟକି (kataki)
	ବୃତ୍ତି ଅର୍ଥରେ-	ଚକର (chakara) + ଇ (e) = ଚାକିରି (chakiri)
		ମାଷ୍ଟର (mastara) + ଇ (e) = ମାଷ୍ଟରି (mastari)
	ସ୍ୱାର୍ଥରେ-	ଚଳଣ (chalana) + ଇ (e) = ଚଳଣି (chalani)
ଇଆ-	ଅତିଶୟ ଅର୍ଥରେ-	କପାଳ (kapala) + ଇଆ (eia) = କପାଳିଆ (kapalia)
		ମୁନ (mun) + ଇଆ (eia) = ମୁନିଆ (munia)
		ଲୁଣ (luna) + ଇଆ (eia) = ଲୁଣିଆ (lunaia)
	ଛୋଟ ଅର୍ଥରେ-	ଖଟ (khata) + ଇଆ (eia) = ଖଟିଆ (khataia)
	ଜାତ ଅର୍ଥରେ-	**କଟକ (kataka) + ଇଆ (eia) = କଟକିଆ (katakaia)**
		ଖରାଦିନ (kharadina) + ଇଆ (eia) = ଖରାଦିନିଆ (kharadinaia)
		ନଈକୂଳ (nakula) + ଇଆ (eia) = ନଈକୂଳିଆ (naikulia)
		ପାହାଡ (pahada) + ଇଆ (eia) = ପାହାଡ଼ିଆ (pahadia)
		ବାଲେଶ୍ୱର (baleswar) + ଇଆ (eia) = ବାଲେଶ୍ୱରିଆ (baleswaria)
		ମଫସଲ (mafsal) + ଇଆ (eia) = ମଫସଲିଆ (mafsalia)
	ତିଆରି ଅର୍ଥରେ	ବାଉଁଶ (baunsa) + ଇଆ (eia) = ବାଉଁଶିଆ (baunsaia)
	ତୁଳନା ଅର୍ଥରେ	ମଲ୍ଲିଫୁଲ (maliphula) + ଇଆ (eia) = ମଲ୍ଲିଫୁଲିଆ (maliphulia)
	ବୃତ୍ତି/ବ୍ୟବସାୟ ଅର୍ଥରେ	ହଳ (hala) + ଇଆ (eia) = ହଳିଆ (halia)
		ମୂଳ (mula) + ଇଆ (eia) = ମୂଳିଆ (mulia)
		ଢୋଲ (dhola) + ଇଆ (eia) = ଢୋଲିଆ (dholia)
		ଚାକର (chakara) + ଇଆ (eia) = ଚାକରିଆ (chakiria)
		ଗୁଡ଼ (guda) + ଇଆ (eia) = ଗୁଡ଼ିଆ (gudia)
		କୀର୍ତ୍ତନ (kirtana) + ଇଆ (eia) = କୀର୍ତ୍ତନିଆ (kirtania)
	ମୂଲ୍ୟ/ପରିଣାମ ଅର୍ଥରେ	ତିନିଗଜ (tinigaja) + ଇଆ (eia) = ତିନିଗଜିଆ (tinigajia)
		ଦଶକେଜି (dasakegi) + ଇଆ (eia) = ଦଶକେଜିଆ (dasakegia)
		ଦୁଇଟଙ୍କା (duitanka) + ଇଆ (eia) = ଦୁଇଟଙ୍କିଆ (duitankia)
		ପାଞ୍ଚହାତ (panchahata) + ଇଆ (eia) = ପାଞ୍ଚହାତିଆ (pahantia)
		ବାଇଶିପଳ (baisipala) + ଇଆ (eia) = ବାଇଶିପଳିଆ (baisipalia)
	ରଞ୍ଜିତ ଅର୍ଥରେ-	ବାଇଗଣ (baigana) + ଇଆ (eia) = ବାଇଗଣିଆ (baigania)
		ହଳଦି (haladi) + ଇଆ (eia) = ହଳଦିଆ (haladia)
		ରଙ୍ଗ (ranga) + ଇଆ (eia) = ରଙ୍ଗିଆ (rangia)
		ପାଉଁଶ (paunsa) + ଇଆ (eia) = ପାଉଁଶିଆ (paunsia)
	ଆକୃତି/ସାଦୃଶ ଅର୍ଥରେ	ଚାଉଳ (chaunla) + ଇଆ (eia) = ଚାଉଳିଆ (chaulia)
		ସୋରିଷ (sorisa) + ଇଆ (eia) = ସୋରିଷିଆ (sorisia)
		ଶୁଆନାକ (suanaka) + ଇଆ (eia) = ଶୁଆନାକିଆ (sunanakia)
		ମଢ (madha) + ଇଆ (eia) = ମଢିଆ (madhia)

© Copyright Reserved Only Digital Odisha & Odisha Sarkari Exam

		ବାଇଗଣ (baigana) + ଇଆ (eia) = ବାଇଗଣିଆ (baigania)
	ସମ୍ବନ୍ଧ ଅର୍ଥରେ	ସହର (sahara) + ଇଆ (eia) = ସହରିଆ (saharia)
		ରବିବାର (rabibara) + ଇଆ (eia) = ରବିବାରିଆ (rabibaria)
		ମହୁଲ (mahula) + ଇଆ (eia) = ମହୁଲିଆ (mahulia)
		ବର୍ଷକ (barsaka) + ଇଆ (eia) = ବର୍ଷକିଆ (barsakia)
		ପାହାଡ (pahada) + ଇଆ (eia) = ପାହାଡ଼ିଆ (pahadia)
		ଖରାଦିନ (kharadina) + ଇଆ (eia) = ଖରାଦିନିଆ (kharadinia)
	ସ୍ୱ ଅର୍ଥରେ-	କଅଁଳ (kaonla) + ଇଆ (eia) = ଖଅଁଳିଆ (kaonlia)
		ମଧୁର (madhura) + ଇଆ (eia) = ମଧୁରିଆ (madhuria)
		ସୁଲୁସୁଲୁ (sulusulu) + ଇଆ (eia) = ସୁଲୁସୁଲିଆ (sulusulia)
ଇମା	ଭାବାର୍ଥରେ	ଗୁରୁ (guru) + ଇମା (ema) = ଗରିମା (garima)
		ବଡ଼ (bada) + ଇମା (ema) = ବଡ଼ିମା (badima)
		ବଙ୍କା (banka) + ଇମା (ema) = ବଙ୍କିମା (bankima)
ଈ	ଜାତ ଅର୍ଥରେ-	ରଣପୁର (ranapur) + ଈ (e) = ରଣପୁରୀ (ranapuri)
		ବାଲେଶ୍ୱର (baleswar) + ଈ (e) = ବାଲେଶ୍ୱରୀ (baleswari)
		ବନାରସ (banarasa) + ଈ (e) = ବନାରସୀ (banarasi)
		ପରଦେଶ (paradesa) + ଈ (e) = ପରଦେଶୀ (paradesi)
		କଟକ (kataka) + ଈ (e) = କଟକୀ (kataki)
	ବ୍ୟବସାୟ ଅର୍ଥରେ-	ଦୋକାନ (dokana) + ଈ (e) = ଦୋକାନୀ (dokani)
	ଅଛି ଅର୍ଥରେ-	ଭାର (bhara) + ଈ (e) = ଭାରୀ (bhari)
		ଦାଗ (daga) + ଈ (e) = ଦାଗୀ (dagi)
		ହିସାବ (hisaba) + ଈ (e) = ହିସାବୀ (hisabi)
	ପରିମାଣ ଅର୍ଥରେ	ଆଠହାତ (athahata) + ଈ (e) = ଆଠହାତୀ (athahati)
		ଦଶଗଜ (dasagaja) + ଈ (e) = ଦଶଗଜୀ (dasagaji)
ଉଆ	ଅଛି ଅର୍ଥରେ-	ଦାଢ଼ (dadha) + ଉଆ (ua) = ଦାଢ଼ୁଆ (dadhua)
		ନିଶ (nisa) + ଉଆ (ua) = ନିଶୁଆ (nisua)
		ପଙ୍କ (panka) + ଉଆ (ua) = ପଙ୍କୁଆ (pankua)
		ପାଠ (patha) + ଉଆ (ua) = ପାଠୁଆ (pathua)
		ମେଘ (megha) + ଉଆ (ua) = ମେଘୁଆ (meghua)
		ରାଗ (raga) + ଉଆ (ua) = ରାଗୁଆ (ragua)
	ଅଭ୍ୟାସ ଅର୍ଥରେ	ଖଚ (kacha) + ଉଆ (ua) = ଖଚୁଆ (khachua)
		ମିଛ (micha) + ଉଆ (ua) = ମିଛୁଆ (michua)
		ମାଡ଼ (mada) + ଉଆ (ua) = ମାଡ଼ୁଆ (madhua)
	ଜାତ ଅର୍ଥରେ-	ଆଷାଢ଼ (asadha) + ଉଆ (ua) = ଆଷାଢ଼ୁଆ (asadhua)
		ବଣ (bana) + ଉଆ (ua) = ବଣୁଆ (banua)
	ବୃତ୍ତି/ବ୍ୟବସାୟ ଅର୍ଥରେ	ନାଟ (nata) + ଉଆ (ua) = ନାଟୁଆ (natua)
		ମାଛ (macha) + ଉଆ (ua) = ମାଛୁଆ (michua)

© Copyright Reserved Only Digital Odisha & Odisha Sarkari Exam

		ସାପ (sapa) + ଉଆ (ua) = ସାପୁଆ (sapua)
		ହଳ (hala) + ଉଆ (ua) = ହଳୁଆ (halua)
		ହାଟ (hata) + ଉଆ (ua) = ହଟୁଆ (hatua)
	ସଦୃଶ ଅର୍ଥରେ	କାଠ (katha) + ଉଆ (ua) = କାଠୁଆ (kathua)
		ବାଘ (bagha) + ଉଆ (ua) = ବାଘୁଆ (baghua)
		ସାପ (sapa) + ଉଆ (ua) = ସାପୁଆ (sapua)
	ସଂପର୍କ ଅର୍ଥରେ	ଗାତ (gata) + ଉଆ (ua) = ଗାତୁଆ (gatua)
		ଘର (ghara) + ଉଆ (ua) = ଘରୁଆ (gharua)
		ମନ (mana) + ଉଆ (ua) = ମନୁଆ (manua)
	ସାମ୍ୟ/ତୁଲ୍ୟ ଅର୍ଥରେ	କାଠ (katha) + ଉଆ (ua) = କାଠୁଆ (kathua)
		ଶାଗ (saga) + ଉଆ (ua) = ଶାଗୁଆ (sagua)
ଉଆଳ	ବାରଣ ଅର୍ଥରେ	ଆଢ଼ (adha) + ଉଆଳ (uala) = ଆଢୁଆଳ (adhuala)
	ବୃତ୍ତି ଅର୍ଥରେ-	ଖେଳ (khela) + ଉଆଳ (uala) = ଖେଳୁଆଳ (kheluala)
		ଜଗା (jaga) + ଉଆଳ (uala) = ଜଗୁଆଳ (jaguala)
		ମଙ୍ଗ (manga) + ଉଆଳ (uala) = ମଙ୍ଗୁଆଳ (manguala)
		ରଖ (rakha) + ଉଆଳ (uala) = ରଖୁଆଳ (rakhuala)
ଉରା	ଅଛି ଅର୍ଥରେ-	ଦାନ୍ତ (danta) + ଉରା (ura) = ଦାନ୍ତୁରା (dantura)
	ଅଭ୍ୟାସ ଅର୍ଥରେ	କାନ୍ଦ (kanda) + ଉରା (ura) = କାନ୍ଦୁରା (kandura)
		ମୁତ (muda) + ଉରା (ura) = ମୁତୁରା (mutura)
		ହଗ (haga) + ଉରା (ura) = ହଗୁରା (hagura)
ଉରିଆ	ବୃତି ଅର୍ଥରେ	କାଠ (katha) + ଉରିଆ (uria) = କାଠୁରିଆ (kathuria)
		ନାଆ (naa) + ଉରିଆ (uria) = ନାଉରିଆ (nauria)
ଉଲି	ସମ୍ବନ୍ଧ ଅର୍ଥରେ	ଗାଁ (gaon) + ଉଳି (uli) = ଗାଉଁଲି (gaunli)
ଏଇ	ଅଛି ଅର୍ଥରେ-	ଖଟା (khata) + ଏଇ (ae) = ଖଟେଇ (khatela)
		ମିଠା (mitha) + ଏଇ (ae) = ମିଠେଇ (mithei)
	କାର୍ଯ୍ୟାର୍ଥରେ	ସଫା (safa) + ଏଇ (ae) = ସଫେଇ (safei)
	ଭାବାର୍ଥରେ	ବଢ଼ (bada) + ଏଇ (ae) = ବଢ଼େଇ (badhei)
	କ୍ଷୁଦ୍ର ଅର୍ଥରେ-	କୁଲା (kula) + ଏଇ (ae) = କୁଲେଇ (kulei)
ଏଲି	ସାଦୃଶ୍ୟ ଅର୍ଥରେ	ରୁପା (rupa) + ଏଲି (ali) = ରୁପେଲି (rupeli)
		ସୁନା (suna) + ଏଲି (ali) = ସୁନେଲି (suneli)
ଓଇ	କୁଶଳାର୍ଥରେ	ଘର (ghara) + ଓଇ (oa) = ଘରୋଇ (gharoi)
		ବାଟ (bata) + ଓଇ (oa) = ବାଟୋଇ (batoi)
କ	ପୁରଣ ଅର୍ଥରେ	ଦଶ (dasa) + କ (k) = ଦଶକ (dasaka)
କା ଓ କାର	ପୁରଣ ଅର୍ଥରେ	ଆଜି (aji) + କା (ka) = ଆଜିକା (ajika)
		ଆଜି (aji) + କାର (kara) = ଆଜିକାର (ajikara)
		ଏବ (eba) + କା (ka) = ଏବକା (abaka)
		ଏବ (aba) + କାର (kara) = ଏବକାର (abakara)

© Copyright Reserved Only Digital Odisha & Odisha Sarkari Exam

		କାଳି (kali) + କା (ka) = କାଳିକା (kalika)
		କାଳି (kali) + କାର (kara) = କାଳିକାର (kalikara)
କୁଳା	ସ୍ୱଭାବ ଅର୍ଥରେ-	ଡ଼ର (dara) + କୁଳା (kula) = ଡ଼ରକୁଳା (darakula)
		ଲାଜ (laja) + କୁଳା (kula) = ଲାଜକୁଳା (lajakula)
ଖାନା	ଘର ଅର୍ଥରେ	କାର (kar) + ଖାନା (khana) = କାରଖାନା (karakhana)
		ଛାପା (chapa) + ଖାନା (khana) = ଛାପାଖାନା (chapakhana)
		ଜେଲ (jail) + ଖାନା (khana) = ଜେଲଖାନା (jailkhana)
		ଡ଼କ୍ତର (daktar) + ଖାନା (khana) = ଡ଼ାକ୍ତରଖାନା (daktarkhana)
		ବୈଠକ (baithaka) + ଖାନା (khana) = ବୈଠକଖାନା (baithakkhana)
ଖୋର	ଅଭ୍ୟାସ ଅର୍ଥରେ	ଜିଦି (jidi) + ଖୋର (khora) = ଜିଦଖୋର (jidkhor)
		ନିଶା (nisa) + ଖୋର (khora) = ନିଶାଖୋର (nishakhor)
		ଯୁଦ୍ଧ (judha) + ଖୋର (khora) = ଯୁଦ୍ଧଖୋର (judhakhor)
		ଲଭ (labha) + ଖୋର (khora) = ଲାଭଖୋର (labhakhor)
ଗର	ବ୍ୟବସାୟ/ବୃତ୍ତି ଅର୍ଥରେ	କାରି (kari) + ଗର (gara) = କାରିଗର (karigara)
		ବାଜି (baji) + ଗର (gara) = ବାଜିଗର (bajigara)
		ସୌଦା (souda) + ଗର (gara) = ସୌଦାଗର (soudagara)
ଗିରି	ଭାବ/ଧର୍ମ ଅର୍ଥରେ	କିରାନି (kirani) + ଗିରି (giri) = କିରାନିଗିରି (kiranigiri)
		ଗୁମାସ୍ତା (gumasta) + ଗିରି (giri) = ଗୁମାସ୍ତାଗିରି (gumastagiri)
		ବାବୁ (babu) + ଗିରି (giri) = ବାବୁଗିରି (babugiri)
		ମାଷ୍ଟର (mastara) + ଗିରି (giri) = ମାଷ୍ଟରଗିରି (mastaragiri)
ଚିଆ	ସାଦୃଶ୍ୟ ଅର୍ଥରେ	ପାଣି (pani) + ଚିଆ (chia) = ପାଣିଚିଆ (panichia)
		ମାଇ (mai) + ଚିଆ (chia) = ମାଇଚିଆ (maichia)
		ଲଳ (lal) + ଚିଆ (chia) = ଲାଲଚିଆ (lalichia)
	ଇଷତ୍ ଅର୍ଥରେ	ମଳି (mali) + ଚିଆ (chia) = ମଳିଚିଆ (malichia)
ଟା	ଅନାଦର ଅର୍ଥରେ	ଟୋକା (toka) + ଟା (ta) = ଟୋକାଟା (tokata)
		ବୁଢା (budha) + ଟା (ta) = ବୁଢ଼ାଟା (budhata)
		ଲୋକ (loka) + ଟା (ta) = ଲୋକଟା (lokata)
ଟି	ଆଦର ଅର୍ଥରେ	ଘର (ghara) + ଟି (ti) = ଘରଟି (gharati)
		ପିଲା (pila) + ଟି (ti) = ପିଲାଟି (pilati)
		ଫଳ (fala) + ଟି (ti) = ଫଳଟି (falati)
ଟିଆ	ଅଛି ଅର୍ଥରେ-	ଧୂଆଁ (dhua) + ଟିଆ (tia) = ଧୂଆଁଟିଆ (dhuantia)
	ଅଭ୍ୟାସ ଅର୍ଥରେ	ବୁଲା (bula) + ଟିଆ (tia) = ବୁଲାଟିଆ (bulatia)
	ଅସହାୟ ଅର୍ଥରେ	ଏକା (eka) + ଟିଆ (tia) = ଏକାଟିଆ/ଏକୁଟିଆ (akatia / akutia)
	କାଳ ଅର୍ଥରେ	ଖରା (khara) + ଟିଆ (tia) = ଖରାଟିଆ (kharatia)
	ବୃତ୍ତି/ବାସ ଅର୍ଥରେ	ଭଡ଼ା (bhada) + ଟିଆ (tia) = ବଡ଼ାଟିଆ (badatia)
ଦାର	ଅଛି/ଆଧିପତ୍ୟ ଅର୍ଥରେ	ଅଂଶୀ (ansi) + ଦାର (dara) = ଅଂଶୀଦାର (ansidara)

© Copyright Reserved Only Digital Odisha & Odisha Sarkari Exam

		ଜମି (jami) + ଦାର (dara) = ଜମିଦାର (jamidara)
		ଭାଗୀ (bhagi) + ଦାର (dara) = ଭାଗୀଦାର (bhagidara)
		ସୁବା (suba) + ଦାର (dara) = ସୁବାଦାର (sabudara)
	ଅଭ୍ୟାସ ଅର୍ଥରେ	ଖରିଦ (kharid) + ଦାର (dara) = ଖରିଦଦାର (kharidara)
	ବୃତ୍ତି ଅର୍ଥରେ-	ଚୌକି (chouki) + ଦାର (dara) = ଚୌକିଦାର (choukidara)
		ବାଜା (baja) + ଦାର (dara) = ବାଜାଦାର (bajadara)
		ଦଗା (daga) + ଦାର (dara) = ଦଗାଦାର (dagadar)
ପିଛା	ପ୍ରତ୍ୟେକ ଅର୍ଥରେ	ଘର (ghara) + ପିଛା (picha) = ଘରପିଛା (gharapicha)
		ଜଣ (jana) + ପିଛା (picha) = ଜଣପିଛା (janapicha)
ବନ୍ତ	ଅଛି ଅର୍ଥରେ-	ଗୁଣ (guna) + ବନ୍ତ (danta) = ଗୁଣବନ୍ତ (gunabanta)
		ବଳ (bala) + ବନ୍ତ (danta) = ବଳବନ୍ତ (balabanta)
		ଶ୍ରୀ (sri) + ବନ୍ତ (danta) = ଶ୍ରୀବନ୍ତ (sribanta)
		ବାଲି (bali) + ବନ୍ତ (danta) = ବାଲିବନ୍ତ (balibanta)
		ପାଟ (pata) + ରା (ra) = ପାଟରା (patara)
		ପାନ (pana) + ରା (ra) = ପାନରା (panara)
